**୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ**

ଭୁବନେଶ୍ୱର, (ବ୍ୟୁରୋ): ବାଇକରେ ବୁଲି ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଜଣେ ବ୍ୟବସାୟୀଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ହଳଦୀପଡ଼ିଆ ବସ୍ତିର କ୍ଷୀରୋଦ ଦାସ। ତାଙ୍କଠାରୁ ପୋଲିସ ୧୨୦ ଗ୍ରାମ୍‌ର ବ୍ରାଉନସୁଗାର, ଏକ ବାଇକ୍ ଓ ୩୦ହଜାର ଟଙ୍କା ଜବତ କରିଛି। ଜବତ ବ୍ରାଉସୁଗାରର ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ଶୁକ୍ରବାର କ୍ଷୀରୋଦଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ କହିଛନ୍ତି।

## ଆଜି କ'ଣ କେଉଁଠି

**କଟକ**

- ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ଲାଟିନମ ଜୁବୁଲି ପ୍ରତିଷ୍ଠା ଦିବସ, କେନ୍ଦ୍ର ପରିସର, ନୂଆବଜାର, ପୂର୍ବାହ୍ନ ୧୦ଟା।

## ଆଜି ୭ ଜିଲ୍ଲାକୁ କାଳବୈଶାଖୀ

ଭୁବନେଶ୍ୱର, ୨୨।୪(ବ୍ୟୁରୋ): ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ କାଳବୈଶାଖୀ ବର୍ଷା ହେଉଥିବାରୁ ତାତିରୁ ସାମାନ୍ୟ ତ୍ରାହି ମିଳିଛି। ଗୁରୁବାର ୫ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୪୧ ଡିଗ୍ରି ତାପମାତ୍ରା ସହ ଟିଟିଲାଗଡ଼ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ବୌଦ୍ଧ ୪୦.୫, ତାଳଚେର ୪୦.୧ ସୁନ୍ଦରଗଡ଼ ୪୦ ଓ ବଲାଙ୍ଗୀରର ତାପମାତ୍ରା ୪୦ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଥିବାରୁ ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଦିନର ତାପମାତ୍ରାରେ ସେପରି ବଡ଼ ଧରଣର ପରିବର୍ତ୍ତନ ଘଟିବ ନାହିଁ। ଅପରପକ୍ଷେ ଶୁକ୍ରବାର ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପାରଦ ତଳମୁହାଁ ରହିବା ସହ ଦିନର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ କମିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ବାଲେଶ୍ୱର, ଭୁବନେଶ୍ୱର, କଟକ, ପାରାଦୀପ, ଚାନ୍ଦବାଲି, ବାରିପଦା, ମାଲକାନଗିରି, ନୟାଗଡ଼ରେ ବର୍ଷା ହୋଇଥିବାବେଳେ ଶୁକ୍ରବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, କନ୍ଧମାଳ ଆଦି ୭ ଜିଲାରେ କାଳବୈଶାଖୀ ହେବ। ତେଣୁ ଏସବୁ ଜିଲା ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

## ୪ ଥାନାଞ୍ଚଳରୁ ୫ ଗିରଫ: ବାଇକ, ଟଙ୍କା ଜବତ

**ସ୍ପେଶାଲ ସ୍କ୍ୱାଡ୍‌ର ଚଢ଼ାଉ**

ଭୁବନେଶ୍ୱର,୨୨।୪ (ବ୍ୟୁରୋ): ରାଜଧାନୀରେ ଚୋରି ଓ ଲୁଟ୍ ଘଟଣା ବଢ଼ି ଚାଲିଛି। ଏହାକୁ ରୋକିବା ପାଇଁ ଗୁରୁବାର ୪ ଥାନାର ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ କେଳାସାହି ବସ୍ତିର କୁଲୁ ଓରଫ ଦିନେଶ ଦାଶ (୨୩), ବିଜୁ ଓରଫ ସୁମନ ଓରଫ ପ୍ରଶାନ୍ତ ମଙ୍ଗରାଜ(୨୧), ମଞ୍ଚେଶ୍ୱର ଭୋଇସାହିର ଗାଣ୍ଡୁ ଓରଫ ରାକେଶ କୁମାର ଭୋଇ (୨୪), ନୟାପଲ୍ଲୀ ସାଲିଆସାହି ତାରିଣିନଗରର ଜଗା ଓରଫ ଜଗନ୍ନାଥ ମହାନ୍ତି ଓ ସୁନ୍ଦରପଦାର ଛୋଟୁ ଓରଫ ରାଧୁନାଥ ଭୋଇ। ସୂଚନାନୁସାରେ, ଗତ ୨୧ ତାରିଖ ଦିନ ୧୨ଟାରେ ଅମଲ ମିଶ୍ର ନାମକ ଜଣେ ବ୍ୟକ୍ତି ପୋଖରୀପୁଟ୍‌ରୁ ପଳାସପଲ୍ଲୀ ଫ୍ଲାଏ ଓଭର ଦେଇ ଫେରୁଥିବାବେଳେ ଚିଲିକା ଡେଭଲପ୍‌ମେଣ୍ଟ ଅଫିସ୍ ସମ୍ମୁଖରେ ଅଭିଯୁକ୍ତ ଦିନେଶ ତାଙ୍କୁ ଅଟକାଇଥିଲେ। ଅନ୍ୟଜଣେ ଅଭିଯୁକ୍ତ ପ୍ରଶାନ୍ତଙ୍କ ସହ ମିଶି ତାଙ୍କଠାରୁ ୭୫୦୦ ଟଙ୍କା ଛଡାଇ ନେଇଥିଲେ। ଏନେଇ ଅଭିଯୋଗ ହେବା ପରେ ଏୟାରପୋର୍ଟ ଥାନା ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କଠାରୁ ୬୦୦ ଟଙ୍କା ଜବତ କରିଛି। ସେହିପରି ଗତ ୨୦ ତାରିଖରେ ଜିବିତେସ ପାତ୍ର ତିନି ସାଙ୍ଗ ନୀତିଶ ବାଙ୍କ, ସନାତନ ବେହେରା ଓ ରିଙ୍କୁ ତ୍ରିପାଠୀଙ୍କ ସହ ପୁରୀ ବାଇପାସ୍‌ରେ ଯାଉଥିବାବେଳେ କୋରଡକଣ୍ଟାଠାରେ ଅଭିଯୁକ୍ତ ରାକେଶ କଟୁରି ଦେଖାଇ ସନାତନ ଓ ରିଙ୍କୁଙ୍କଠାରୁ ଟଙ୍କା ଲୁଟିନେଇଥିଲେ। ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ବାଇକ୍ ଜବତ କରିଛି। ଗତ ୧୮ତାରିଖ ଦିନ ପ୍ରଦୀପ କୁମାର ଷଡଙ୍ଗୀଙ୍କ ବାଇକ୍ ଚୋରି ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରିଥିବାବେଳେ ଲୁଟ ଅଭିଯୋଗରେ ଏୟାରଫିଲ୍ଡ ପୋଲିସ ରଘୁନାଥଙ୍କୁ ଗିରଫ କରିଛି। ଗତ ୧୧ ତାରିଖ ରାତି ପ୍ରାୟ ୧ଟା ୩୦ରେ ରଘୁନାଥ ଓ ଅନ୍ୟଦୁଇଜଣ ଯୁବକ ସୁନ୍ଦରପଦା କାଳିଆଣୁଣି ମନ୍ଦିର ନିକଟରେ ପ୍ଲାଷ୍ଟିକ୍ ବନ୍ଧୁକ ଦେଖାଇ ସତ୍ୟପ୍ରିୟ ପଟ୍ଟନାୟକଙ୍କଠାରୁ ୧୦ ହଜାର ଟଙ୍କା ଓ ଗୋଟିଏ ଇଲେକ୍ଟ୍ରି ମେଶିନ ଲୁଟି ନେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ପୂର୍ବରୁ ଦୁଇଜଣଙ୍କୁ ଗିରଫ କରିଥିବାବେଳେ ଗୁରୁବାର ରଘୁନାଥଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୨୪ ଘଣ୍ଟାରେ ୫୯୦ ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର ସ୍ଥିତି ବିଗିଡ଼ିଲା**

ଭୁବନେଶ୍ୱର, ୨୨।୪ (ବ୍ୟୁରୋ)

ରାଜ୍ୟରେ କରୋନା ଭୟଙ୍କର ରୂପ ନେଉଥିବାବେଳେ ରାଜଧାନୀ ଭୁବନେଶ୍ୱରର ସ୍ଥିତି ବିଗିଡିବାରେ ଲାଗିଛି। ଏଥିପାଇଁ ଖୋର୍ଦ୍ଧା ହଟ୍‌ସ୍ପଟ୍ ଜିଲା ପାଲଟିବା ସହ ଦୈନିକ ସର୍ବାଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ବୁଧବାର ପଜିଟିଭ୍ ସଂଖ୍ୟାରେ କିଛି ମାତ୍ରାରେ ହ୍ରାସ ଘଟିଥିଲା। ହେଲେ ଶେଷ ୨୪ଘଣ୍ଟାରେ ପୁଣିଥରେ ୫ଶହ ପାର୍ କରି ୬ଶହ ମୁହାଁ ହୋଇଛି ସଂକ୍ରମଣ। ଏଠାରୁ ୫୯୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏଥିମଧ୍ୟରୁ କ୍ୱାରାଣ୍ଟାଇନ୍‌ରୁ ୧୩୦ ଓ ସ୍ଥାନୀୟ ଆକ୍ରାନ୍ତ ୪୬୦ଜଣ ରହିଛନ୍ତି। କେବଳ ନ୍ୟୁ ଏଜି କଲୋନୀରୁ ୨୫ଜଣ ଆକ୍ରାନ୍ତ ହୋଇଥିବାବେଳେ କାନନ ବିହାରରୁ ୨୦, ନିଳାଦ୍ରୀବିହାରରୁ ୧୧, ବରମୁଣ୍ଡାରୁ ୧୨, ବାପୁଜୀନଗରରୁ ୭, ମଞ୍ଚେଶ୍ୱରରୁ ୯, ଢୁମୁଢୁମାରୁ ୬ଜଣ, ଚନ୍ଦ୍ରଶେଖରପୁରରୁ ୧୪, ଲକ୍ଷ୍ମୀସାଗରରୁ ୧୯, ଆଇଆର୍‌ସି ଭିଲେଜରୁ ୬, ୧୨୦ବାଟାଲିୟନ୍‌ରୁ ୨, ଜାଗମରାରୁ ୭, ବଡଗଡରୁ ୭, ଜୟଦେବ ବିହାରରୁ ୩, ଗାଡକଣରୁ ୨, ଭୀମଟାଙ୍ଗୀରୁ ୩, ବୁଧେଶ୍ୱରୀ କଲୋନୀରୁ ୩, ବୁଦ୍ଧନଗରରୁ ୩, ହଂସପାଳରୁ ୨, ଚକେଇସିଆଣୀରୁ ୪, ବମିଖାଲରୁ ଓ ୨ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସହରରୁ ମୋଟ ୩୭ ହଜାର ୭୯୪ଜଣ ଆକ୍ରାନ୍ତ ହୋଇଥିବାବେଳେ ୩୩ହଜାର ୪୮୭ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ୪ହଜାର ୩୬ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

## ସଂକ୍ରମଣ ରୋକିବାକୁ ହାଟ ସ୍ଥାନାନ୍ତର

ଭୁବନେଶ୍ୱର, ୨୨।୪ (ବ୍ୟୁରୋ)



ୟୁନିଟ୍-୪ ନୂଆ ପରିବା ହାଟରେ ପୋଲିସ ସଚେତନ କରୁଛି।

ହାଟ ବଜାରରେ ପ୍ରବଳ ଗହଳି ହେଉଛି। କୋଭିଡ୍ କଟକଣା ଓ ନିୟମ ଉଲ୍ଲଂଘନ ଯୋଗୁ ଭୁବନେଶ୍ୱରରେ ସଂକ୍ରମଣ ବଢୁଛି। ତେଣୁ ସ୍ଥିତି ନିୟନ୍ତ୍ରଣ ପାଇଁ ବିଏମ୍‌ସି ପୂର୍ବ ବର୍ଷର ରଣକୌଶଳକୁ ଆପଣାଇଛି। ଗୁରୁବାରଠାରୁ ହାଟଗୁଡିକର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସ୍ଥାନାନ୍ତରଣ ପାଇଁ ସିରିପୁର, ଢୁମୁଢୁମା, ରୁଚିକା, ଇନ୍ଦ୍ରଧନୁ ମାର୍କେଟ, ଡମଣା, ଭିଏସ୍‌ଏସ୍ ନଗର, ପଳାଶୁଣି ଓ ତାରିଣୀ ହାଟକୁ ଚିହ୍ନଟ କରାଯାଇଛି। ଢୁମୁଢୁମା ହାଟକୁ ଫେଜ୍-୨କୁ ସ୍ଥାନାନ୍ତର କରିବା ସହିତ ରୁଚିକା ମାର୍କେଟକୁ ନୟାପଲ୍ଲୀ ଦୁର୍ଗା ମଣ୍ଡପକୁ ସ୍ଥାନାନ୍ତର କରାଯାଇଥିବା ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ ସୂଚନା ଦେଇଛନ୍ତି। ଭିଏସ୍‌ଏସ୍ ନଗର ହାଟକୁ ରାସ୍ତାପାର୍ଶ୍ୱକୁ ଉଠାଯାଇଥିବାବେଳେ ପଳାଶୁଣି ହାଟ ପୂର୍ବ ସ୍ଥାନରେ ରହିଛି। ସେହିପରି ୟୁନିଟ-୪ ହାଟ ଶାସ୍ତ୍ରୀ ନଗର ଓ ରେଡକ୍ରସ ସମ୍ମୁଖ ରାସ୍ତାକୁ ଉଠିଯାଇଛି। ଅପରପକ୍ଷେ ସହରର ଅନ୍ୟ ୮ଟି ପ୍ରମୁଖ ହାଟ ଆସନ୍ତା ସୋମବାରଠାରୁ ସ୍ଥାନାନ୍ତରିତ ହେବ ବୋଲି ସୂଚନା ଦିଆଯାଇଛି। ୟୁନିଟ-୧ ହାଟକୁ ୟୁନିଟ-୧ ହାଇସ୍କୁଲ ପଡିଆକୁ ସ୍ଥାନାନ୍ତର କରାଯିବ। ସେହିଭଳି ବ୍ରହ୍ମେଶ୍ୱର ହାଟ ବ୍ରହ୍ମେଶ୍ୱର ମେଳଣ ପଡିଆକୁ, ଲିଙ୍ଗରାଜ ହାଟ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସକୁ, ସୁନ୍ଦରପଦା ହାଟ ଏକାମ୍ର କଲେଜ ରାସ୍ତା, ଶହୀଦନଗର ହାଟ ଶହୀଦନଗର ଦୁର୍ଗାପୂଜା ଅଞ୍ଚଳକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।

## ରାପିଡ୍ ରେସ୍‌ପନ୍ସ ଟିମ୍ ବଢ଼ାଇଲା ବିଏମ୍‌ସି

ଭୁବନେଶ୍ୱର, ୨୨।୪ (ବ୍ୟୁରୋ)

**କଣ୍ଟାକ୍ଟ ଟ୍ରେସିଂ ଟିମ୍, କୋଭିଡ୍ ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି**

ସହରରେ ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତା'ର ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି) ସଂଖ୍ୟା ୩୯କୁ ବୃଦ୍ଧି କରିଛି। ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକନ୍ତ ସେଠୀ କହିଛନ୍ତି, ୬୭ଟି ୱାର୍ଡ ପାଇଁ ମୋଟ ୩୯ ଆର୍‌ଆର୍‌ଟି ଗଠନ କରାଯାଇଛି। ପୂର୍ବରୁ ପ୍ରତି ଜୋନ୍ ପିଛା ୮ଟି ହିସାବରେ ୩ ଜୋନ୍ ପାଇଁ ୨୪ ଆର୍‌ଆର୍‌ଟି ରହିଥିଲା। ଏବେ ପ୍ରତି ଜୋନ୍ ପିଛା ୧୩ଟି ଲେଖାଏ ଟିମ କାର୍ଯ୍ୟ କରିବ। ସେହିପରି ପ୍ରତି ଟିମ୍‌ରେ ଜଣେ ଲେଖାଏ ଆୟୁଷ ଡାକ୍ତର, କୋଭିଡ ସଚେତକ ଓ ଜଣେ ଏଏନ୍‌ଏମ୍ ରହିବେ। ଏମାନେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ତଥ୍ୟ ସଂଗ୍ରହ ଓ ଔଷଧ ବାଣ୍ଟିବେ। ଏହାସହିତ ପ୍ରତି ଜୋନ୍‌ରେ ଗୋଟିଏ ସ୍ୱତନ୍ତ୍ର ସେଣ୍ଟ୍ରାଲ ଟିମ୍ ରହିବ। ଏହି ଟିମ୍ ସୋସିଆଲ ମିଡିଆ ଓ ହ୍ୱାଟ୍‌ସଆପ୍ ଗ୍ରୁପ୍ ଜରିଆରେ ଏ ସବୁକୁ ନିୟନ୍ତ୍ରଣ କରିବ। ସେହିପରି କଣ୍ଟାକ୍ଟ ଟ୍ରେସିଂ ଟିମ୍ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ସ୍ୱତନ୍ତ୍ର କୋଭିଡ ଆମ୍ବୁଲାନ୍ସ ସଂଖ୍ୟା ୧୮ରୁ ୨୮କୁ ବୃଦ୍ଧି କରାଯାଇଛି। ଆବଶ୍ୟକତାକୁ ଦେଖି ହସ୍ପିଟାଲ ସହ ଶଯ୍ୟା ସଂଖ୍ୟା ଓ ଅକ୍ସିଜେନ୍ ବୃଦ୍ଧିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ସେ ସୂଚନା ଦେଇଛନ୍ତି।

## ଶହୀଦନଗରବାସୀ ଦିଗ୍‌ଦର୍ଶନ ଦେବେ

ଭୁବନେଶ୍ୱର, ୨୨।୪ (ବ୍ୟୁରୋ)

**କୋଭିଡ୍ ମୁକାବିଲା**

ବିଏମ୍‌ସି ପକ୍ଷରୁ କୋଭିଡ୍ ସଚେତନତା ପାଇଁ ଆରମ୍ଭ ହୋଇଥିବା ପଦକ୍ଷେପ 'ସମ୍ପର୍କ ଅଭିଯାନ ସଚେତନତା କାର୍ଯ୍ୟକ୍ରମ' ଗୁରୁବାର ଶହୀଦନଗର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସହରର ପ୍ରମୁଖ ସ୍ଥାନ ଶହୀଦନଗରର ନାଗରିକମାନେ ନିଜ ଅଞ୍ଚଳକୁ ଏକ ଆଦର୍ଶ ଅଞ୍ଚଳ ଭାବେ ଗଢି ଦକ୍ଷତାର ପ୍ରମାଣ ଦେଇଛନ୍ତି। ବର୍ତ୍ତମାନର ସଂକଟ ସମୟରେ ଏହି ମହାମାରୀର ମୂଳୋତ୍ପାଟନ ପାଇଁ ମଧ୍ୟ ଏହି ଅଞ୍ଚଳ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ବିଧାୟକ ଆଶା ବ୍ୟକ୍ତ କରିଥିଲେ। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାର କୋଭିଡ୍ ପରିଚାଳନା ଅତ୍ୟନ୍ତ ଉଚ୍ଚକୋଟୀର। ତେଣୁ ଅନ୍ୟ ରାଜ୍ୟମାନେ ଓଡ଼ିଶାର ସାହାଯ୍ୟ ଲୋଡୁଛନ୍ତି ବୋଲି ସେ କହିଥିଲେ। ବିଏମ୍‌ସିର ପୂର୍ବତନ ଚେୟାରମ୍ୟାନ ଡ. ଜଗନ୍ନାଥ ମହାପାତ୍ର, ଶିଶୁରୋଗ ବିଶେଷଜ୍ଞ ଡ. ଅରବିନ୍ଦ ମହାନ୍ତି, ପୂର୍ବତନ କର୍ପୋରେଟର ଉର୍ମିଳା ଦାସ, ପଦ୍ମନାଭ ଦାଶ, ପୂର୍ବତନ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଏମ୍‌ସିର ଦକ୍ଷିଣ ପୂର୍ବ ଜୋନ୍ ଡେପୁଟି କମିଶନର ଅଂଶୁମାନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଛମୂଳରୁ ମିଳିଲା ଖଣ୍ଡବିଖଣ୍ଡିତ ମୃତଦେହ

- ଦ୍ରୁତଗତି ଯୋଗୁ ଦୁର୍ଘଟଣା ସନ୍ଦେହ
- ସ୍ପୋର୍ଟସ ବାଇକ ସାଜିଲା କାଳ

ବାରଙ୍ଗ,୨୨।୪(ଡି.ଏନ୍.ଏ.)

ଗଛ ଗଣ୍ଡିରୁ ଅଧାରୁ ଅଧିକ ଛାଲି ହୋଇଯାଇଥିଲା। ଏକ ବଡ଼ ମୋଟା ଡାଳ ତଳେ ଭାଙ୍ଗି ପଡିଥିବାବେଳେ ଯାରି ଭିତରେ ପଡ଼ିଥିଲା ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ଶରୀର। ଅଣ୍ଟାରୁ ଶରୀର ଅଲଗା ହୋଇଯାଇଥିଲା। ଗୋଟିଏ ହାତ ଛିଣ୍ଡି ପଡିଥିବାବେଳେ ରକ୍ତ, ମାଂସ ସହ ଶରୀର ବିଭିନ୍ନ ଅଂଶ ଚାରିଆଡ଼େ ଛିଟିକି ପଡିଥିଲା। ନିକଟରେ ଏକ ବାଇକ୍‌ଟି ଭଙ୍ଗାରୁଜା ଅବସ୍ଥାରେ ପଡ଼ିଥିଲା। ଗୁରୁବାର ଭୋର୍ ସମୟରେ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଗାଁ ନିକଟରେ ଦେଖିବାକୁ ମିଳିଥିଲା ଏଭଳି ଏକ ଲୋମଟାଙ୍କୁରା ଦୃଶ୍ୟ। ଘଟଣା କହୁଥିଲା ବାଇକ୍ ଦୁର୍ଘଟଣା କେତେ ଭୟଙ୍କର ଥିଲା। ତେବେ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ପୋଲିସ ପହଞ୍ଚି ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଥିଲା। ମୃତ ଯୁବକ ଜଣକ ଚନ୍ଦ୍ରଶେଖରପୁର ଥାନା ପଟିଆ ଶିଶୁବିହାରର ଲଳିତ ଆଦିତ୍ୟ ପରିଡା(୧୮) ବୋଲି ଜଣା ପଡ଼ିଛି। ପୋଲିସ ଏନେଇ ଏକ ଦୁର୍ଘଟଣାଜନିତ ମାମଲା(୯୬/୨୧) ରୁଜୁ କରିଛି। ତେବେ ଲଳିତ ଏତେ ସକାଳୁ କ'ଣ ପାଇଁ ଚନ୍ଦକା ଆଡ଼େ ଆସିଥିଲେ ତାହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ତାଙ୍କ ପରିବାର ସଦସ୍ୟଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ତଦନ୍ତ ଆଗେଇ ପାରି ନ ଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଭୋର ପ୍ରାୟ ୪ଟାରେ ଲଳିତ ନିଜ ସ୍ପୋର୍ଟ୍ସ ବାଇକ୍ (ଓଡି ୦୨ ବିଏନ ୫୭୬୧) ନେଇ ଚନ୍ଦକାରୁ ଖଣ୍ଡଗିରି ଅଭିମୁଖେ ଯାଉଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲେ। ଉକ୍ତ ବାଇକ୍‌ର ସର୍ବାଧିକ ସ୍ପିଡ୍ ୮କି.ମି. ରହିଛି। ଦୁର୍ଘଟଣାବେଳେ ବାଇକ୍‌ର ବେଗ ୩ଶହ ଉପରେ ରହିଥିବା ଗଛ, ବାଇକ୍ ଓ ଯୁବକଙ୍କ ଅବସ୍ଥାରୁ ପୋଲିସ ଅନୁମାନ କରୁଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଭଳି ଦୁର୍ଘଟଣା କେବେ ଦେଖି ନ ଥିବା ଲୋକେ କହିଛନ୍ତି। ଏତେ କମ୍ ବୟସର ପିଲାଙ୍କୁ ସ୍ପିଡ୍ ବାଇକ୍ ଦେବା ଶେଷରେ କାଳ ହେଲା ବୋଲି କୁହାଯାଉଛି।



## 'କରୋନାରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ସଦୁପଯୋଗ କର'

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ମହାମାରୀ କରୋନା ବିରୋଧରେ ଲଢ଼େଇରେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି। ବ୍ୟାପକ ଜନ ସଚେତନତା ସୃଷ୍ଟି ସହିତ ସ୍ଥାନୀୟ ପ୍ରଶାସନର ସହଭାଗିତାରେ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ଭିତ୍ତିଭୂମିର ସଦୁପଯୋଗ ପାଇଁ କୁଳାଧିପତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କୁଳପତିମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର ରାଜ୍ୟପାଳ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ଭର୍ଚୁଆଲ ମୋଡ୍‌ରେ ଆଲୋଚନା କରି ସ୍ଥିତିର ସମୀକ୍ଷା କରିଥିଲେ। କରୋନା ବିରୋଧୀ ଲଢ଼େଇରେ ପ୍ରଭାବଶାଳୀ କ୍ରିୟାଶୀଳ ଭୂମିକା ଗ୍ରହଣ କରିବା ସହ ହୋର୍ଡିଂ, ପ୍ରଚାରପତ୍ର ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ।



କୁଳାଧିପତି ପ୍ରଫେସର ଗଣେଶୀ ଲାଲ (ବାମ)।

**କୁଳପତିଙ୍କୁ କୁଳାଧିପତିଙ୍କ ପରାମର୍ଶ**

ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ନୂତନ ନିର୍ମାଣ ନ କରିବାକୁ ଓ ଆର୍ଥିକ ମିତବ୍ୟୟିତାକୁ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ଠିକ୍ ସମୟରେ ସାର୍ଟିଫିକେଟ୍ ପ୍ରଦାନ, ଗବେଷଣାକୁ ପ୍ରୋତ୍ସାହନ ଓ ସ୍କଲାରମାନଙ୍କୁ ଗାଇଡ୍ ଆବଣ୍ଟନ, ପେନ୍‌ସନ ମାମଲାର ତ୍ୱରିତ ସମାଧାନ ଓ ଡିଜିଟାଲ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ପାଇଁ ରାଜ୍ୟପାଳ କହିବା ସହ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ନିମନ୍ତେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟରେ ଥିବା ବିଭିନ୍ନ ମାମଲାର ଫଇସଲା, ବିଶେଷ କରି ପେନ୍‌ସନ କେସ୍‌ଗୁଡ଼ିକର ତ୍ୱରିତ ଫଇସଲା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। କୁଳପତିମାନେ ସାମ୍ପ୍ରତିକ ସ୍ଥିତି ଓ ସମସ୍ୟା ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଶାଜିତ



@ ଅନୁପମା



@ ଶମ୍ଭୁନାଥ



@ କସ୍ତୁରୀ ଚରଣ



@ ଶ୍ରୀମା



@ ସନ୍ତୋଷ



@ ଜୟନ୍ତ

## ୧୦ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୨୨।୪(ବ୍ୟୁରୋ)

କିଟ୍ ଓ କିମସ୍‌ରେ ଚାକିରି ଦେବାକୁ କହି ୧୦ ଲକ୍ଷ ଟଙ୍କାର ଊର୍ଦ୍ଧ୍ୱ ଠକି ନେଇଥିବା ଜଣେ ଯୁବକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲାର ନିରଞ୍ଜନ ସାହୁ। ପୋଲିସ ତାଙ୍କଠାରୁ ବହୁ ଜାଲ୍ କାଗଜପତ୍ର ଜବତ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଥାଉକି, ଚାକିରି କରାଇଦେବାକୁ କହି ନିରଞ୍ଜନ ବିଭିନ୍ନ ଜିଲାର ବହୁ ଯୁବକଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ନେଉଥିଲେ ନିରଞ୍ଜନ। ସମସ୍ତଙ୍କୁ ଜାଲ୍ ନିଯୁକ୍ତିପତ୍ର ଦେଇ ନାଲି ଆଖି ଦେଖାଉଥିଲେ। ବୁଧବାର ଠକେଇର ଶିକାର ୨୦ରୁ ଊର୍ଦ୍ଧ୍ୱ ଯୁବକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

**କଟକ ଜିଲାରୁ ୩୭୦ କରୋନା ଆକ୍ରାନ୍ତ ଚିହ୍ନଟ**

**କଟକ ଅଫିସ:** କଟକ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଜିଲାରେ ୩୭୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ୨୨୭ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୪୩ ଜଣ ସରକାରୀ ସଙ୍ଗରୋଧରେ ଥିବା ଜଣାପଡ଼ିଛି। ଏଥିସହ କଟକ ରେଳଷ୍ଟେଶନରୁ ୨୮ ଜଣ ପଜିଟିଭ ଚିହ୍ନଟ ହୋଇଥିବା ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ୍ ୧୮,୧୬୭ ସଂକ୍ରମିତ ହୋଇଥିବାବେଳେ ୧୬,୮୯୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଚାଳକ ମୃତ

**ଟାଙ୍ଗୀ, (କଟକ)୨୨।୪(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ନିକଟ ପଦ୍ମିନୀ ବିହାର ଅଞ୍ଚଳରେ ଗୁରୁବାର ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଅନ୍ତା ଗ୍ରାମର ରାଜେଶ ରଞ୍ଜନ ସାହାଣୀ(୨୬)। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ହେଲା ରାଜେଶ ନିଜସ୍ୱ ଟ୍ରାକ୍ଟରରେ ପାଣି ଟ୍ୟାଙ୍କର ଭଡ଼ା ସୂତ୍ରରେ ପରିବହନ କରୁଥିଲେ। ଗୁରୁବାର ସକାଳେ ସେ ଟ୍ରାକ୍ଟରରେ ପାଣି ଟ୍ୟାଙ୍କର ନେଇ ପଦ୍ମିନୀ ବିହାର ଅଞ୍ଚଳକୁ ଆସୁଥିଲେ। ରାସ୍ତାର ମୋଡ ଅତିକ୍ରମବେଳେ ବାମପଟ ଆଗଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ରାଜେଶ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳାବାଗ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସ୍ଥାନାନ୍ତର ହେବେ ବାଞ୍ଛିଆମା ଗ୍ରାମବାସୀ

**ଚୌଦ୍ୱାର,୨୨।୪(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ବାଞ୍ଛିଆମା ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଏ ନେଇ ଗୁରୁବାର ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଅଜୟ କୁମାର ମଲ୍ଲିକ, ବିଡିଓ ବିନୋଦ ସେନାପତି ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ୨୬ଟି ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କୁ ଏହି ପଞ୍ଚାୟତର କୋଚିଲାପଦାଠାରେ ଅବସ୍ଥାପିତ କରିବା ପାଇଁ ପ୍ରସ୍ତାବ ଦେବା ସହିତ ବୁଝାଶୁଝା କରିଥିଲେ। ସୂଚନାଯୋଗ୍ୟ, ଡମଣୀ ସଂରକ୍ଷିତ ଜଙ୍ଗଲର ମଧ୍ୟସ୍ଥଳରେ ବାଞ୍ଛିଆମା ଗ୍ରାମ ଅବସ୍ଥିତ। ତେଣୁ ଗ୍ରାମବାସୀଙ୍କୁ ଜଙ୍ଗଲଜନ୍ତୁଙ୍କ ଭୟ ରହିଛି। ଏଥିସହ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ସେମାନଙ୍କୁ ସ୍ଥାନାନ୍ତର କରିବାକୁ ସରକାର ଯୋଜନା କରୁଥିବା ବିଡିଓ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ସେକ୍ ସାହାଜାନ, ସ୍ଥାନୀୟ ସରପଞ୍ଚ ସସ୍ମିତା ପରିଡା, କୁଳମଣି ରାଉତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଶ୍ରୀରାମଙ୍କ ଖଡ଼ିଛୁଆଁ ଉତ୍ସବ

**ନିଶ୍ଚିନ୍ତକୋଇଲି,୨୨।୪(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ପଞ୍ଚାୟତ ମଲ୍ଲୀପୁରସ୍ଥିତ ଅସୁରେଶ୍ୱର ରଘୁନାଥ ଜୀଉଙ୍କ ମନ୍ଦିରରେ ଗୁରୁବାର ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଭୁ ଶ୍ରୀରାମଙ୍କ ସମେତ ୪ ଭାଇଙ୍କ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସୁଆଙ୍ଗମାନଙ୍କ ବଦଳରେ କେବଳ ବଚନିକା ମାଧ୍ୟମରେ ପରମ୍ପରା ରକ୍ଷା କରାଯାଇଛି ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ କହିଛନ୍ତି।

### ଡ. ସୁଲୋଚନା ଦାସ ପାଇବେ ଜେମା-ସାମନ୍ତ ସୃଜନୀ ପୁରସ୍କାର

**କଟକ ଅଫିସ, ୨୨।୪:** ଉତ୍କଳ ସାହିତ୍ୟ ସମାଜର ମର୍ଯ୍ୟାଦାଜନକ 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପାଇବାକୁ କଥାଶିଳ୍ପୀ ଡ. ସୁଲୋଚନା ଦାସ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଉକ୍ତ ପୁରସ୍କାର ସମ୍ପର୍କରେ ଅନୁମୋଦନ କରାଯାଇଛି। ଏ ସମ୍ପର୍କରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ଓ ଆଦିତ୍ୟ ପ୍ରତାପ ଧଳ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଡ. ଦାସ ମଧୁକ୍ଷରା, ମୁହଁସଞ୍ଜର ଦେହ, ଭଙ୍ଗୁର, ମାଟିର ମହକ, ଅଶ୍ରୁର ଅଭିଷେକ, ଲେଉଟାଣି, ସ୍ୱର୍ଣ୍ଣ, ଭଙ୍ଗା କଣ୍ଢେଇର କାହାଣୀ ଗଳ୍ପ ସଂକଳନ ଓ ସ୍ୱପ୍ନାହତା, ମରୁତୀର୍ଥ, ଅବନ୍ତିକା, ମୋହମୁକ୍ତି, ମେଘମୁକ୍ତ ଆକାଶ, ନୀଳସ୍ୱର୍ଗ, ଭୋରବେଳାର ସନ୍ନ୍ୟାସୀ ଉପନ୍ୟାସ, ସ୍ୱୟମ୍ବରା କବିତା ପୁସ୍ତକ, 'ମାଟିରୁ ଆକାଶ' ଜୀବନୀ ପୁସ୍ତକ ସହିତ ଗବେଷଣା ନିବନ୍ଧ 'ଓଡ଼ିଆ ସାହିତ୍ୟରେ ରାଜନୈତିକ ଚେତନା' ଓଡ଼ିଆ ଉପନ୍ୟାସରେ 'ଆଦିବାସୀ ଜୀବନଚର୍ଯ୍ୟା', 'ଓଡ଼ିଶାର ପରମ୍ପରା' ଆଦି ଅନେକ ପୁସ୍ତକ ଲେଖିଛନ୍ତି।

# ରୁକୁଣା ରଥ ଭାଙ୍ଗିଲେ ମା' ପାର୍ବତୀ

**ପୁରୁଣା ଭୁବନେଶ୍ୱର,୨୨।୪(ଡି.ଏନ୍.ଏ.)**

ମା' ପାର୍ବତୀ ଅଭିମାନରେ ଗୁରୁବାର ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଭାଙ୍ଗିଛନ୍ତି। ଦୈନିକ ନୀତି ସନ୍ଧ୍ୟା ଧୂପ ସରିବା ପରେ ମା' ପାର୍ବତୀ ଦକ୍ଷିଣ ଘରୁ ବିଜେ ହୋଇ ପାଲିଙ୍କିରେ ବିରାଜମାନ ହୋଇଥିଲେ। ପରେ ପୂଜାପଣ୍ଡା, ପତ୍ରି, ପାଳିଆ ବଡୁ, ଧଳା ଛତା, ଘଣ୍ଟ, କାହାଳୀ, ମଶାଲ ସହିତ ରାମେଶ୍ୱର ମନ୍ଦିରକୁ ବିଜେ କରିଥିଲେ। ସେଠାରେ ପହଞ୍ଚିବା ପରେ ବଚନିକା କରାଯାଇଥିଲା। ପରେ ଦୁଇଜଣ ପୂଜାପଣ୍ଡାଙ୍କ ମଧ୍ୟରେ ଭେଟ ଆଳତି କରାଯାଇଥିଲା। ପରେ ମା' ପାର୍ବତୀ ସ୍ୱମନ୍ଦିର ଫେରିବା ବାଟରେ ରଥଦାଣ୍ଡରେ ଥିବା ଶ୍ରୀଜୀଉଙ୍କ ରୁକୁଣା ରଥ ଭାଙ୍ଗିଥିଲେ। ସୂଚନାଥାଉ କି, ଶ୍ରୀଲିଙ୍ଗରାଜ ଅଶୋକାଷ୍ଟମୀ ରଥଯାତ୍ରାରେ ଭଉଣୀ ରୁକୁଣା ଦେବୀଙ୍କୁ ନେଇ ଯାତ୍ରା କରିଥିଲେ। ଏହା ପରେ ରଥରେ ଥିବା ସିଂହାସନ ଘୋଡ଼ା ଦିଗ ପରିବର୍ତ୍ତନ କରାଯାଇଥିଲା। ମନ୍ଦିରରେ ଠାକୁରାଣୀ ପହଞ୍ଚିବା ପରେ ବଡ଼ ସିଂହାର, ପଞ୍ଚବକ୍ର ଆଳତି କରାଯାଇ ମନ୍ଦିର ପହଡ଼ ପଡ଼ିଥିଲା।

### ଗୋଟିଏ ଦିନରେ ବାହୁଡ଼ାଯାତ୍ରା

କରୋନା ମହାମାରୀ ପାଇଁ ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା ଗୋଟିଏ ଦିନରେ ଅନୁଷ୍ଠିତ କରିବା ନେଇ ଗୁରୁବାର ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାହୁଡ଼ା ଯାତ୍ରାର ନୀତି ନିର୍ଘଣ୍ଟରେ ସମ୍ୟକ ପରିବର୍ତ୍ତନ କରାଯାଇଛି। ମାଘସ୍ନାନ ପୂର୍ବାହ୍ନ ୧୦ଟା ପରିବର୍ତ୍ତେ ସକାଳ ୮ଟାରେ କରାଯିବ। ମଧ୍ୟାହ୍ନ ୧୨ଟାରୁ ସାଢ଼େ ୧୨ଟା ମଧ୍ୟରେ ରାମେଶ୍ୱରଙ୍କ ଠାରେ ସକାଳ ଧୂପ ଓ ପହଣ୍ଡି ହେବ। ଅପରାହ୍ନ ୧ଟାରେ ବାହୁଡ଼ା ଯାତ୍ରା ନୀତିକାନ୍ତି ହୋଇ ରଥଟଣା ହେବ। ରଥ ଗୋଟିଏ ଦିନରେ ରଥଖଳାରେ ପହଞ୍ଚିବା ନେଇ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ।

# ମେ' ୧୭ରୁ ରବି ଧାନ କ୍ରୟ ଆରମ୍ଭ

**କଟକ ଅଫିସ,୨୨।୪**

ରବି ଧାନ କ୍ରୟ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବି ଧାନ କ୍ରୟ ସୁଚାରୁରୂପେ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ ଖରିଫ ଧାନ ସଂଗ୍ରହର ବ୍ୟବସ୍ଥା ସମ୍ପର୍କରେ କହିଥିଲେ, ଜିଲାର ୪୯,୬୬୮ ଜଣ ଚାଷୀଙ୍କଠାରୁ ୧୬,୪୦,୩୫୨ କିଲୋଗ୍ରାମ ଧାନ ସଂଗ୍ରହ କରାଯାଇଛି। ଚଳିତବର୍ଷ ବର୍ତ୍ତମାନ ସୁଧା ରବିଋତୁ ପାଇଁ ୨୭ ଗୋଟି ସୋସାଇଟି ଦ୍ୱାରା ୩୨୨୦ ଚାଷୀ ପଞ୍ଜୀକୃତ କରିଛନ୍ତି।

### ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଚଳିତବର୍ଷ ରବି ଧାନ କ୍ରୟ ପ୍ରକ୍ରିୟା ମେ' ୧୭ରୁ ଆରମ୍ଭ ହୋଇ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମବାୟ ସମୂହ ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ଖାଦ୍ୟ ଓ ଯୋଗାଣ ବିଭାଗ, ସମବାୟ ବିଭାଗ, କୃଷି ଏବଂ ରାଜସ୍ୱ ବିଭାଗର ସଭ୍ୟମାନେ ଉପସ୍ଥିତ ଥିଲେ। ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଟେଷ୍ଟ ପାଇଁ ଅପେକ୍ଷା...**



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ କୋଭିଡ୍ ଆଉଟ୍‌ଡୋର୍‌ରେ ଗୁରୁବାର ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ଲୋକେ ଧାଡ଼ିରେ ଅପେକ୍ଷା କରିଛନ୍ତି।

# ପେଟ୍ରୋଲ ଟାଙ୍କିରେ ଅପମିଶ୍ରିତ ତେଲ: ଗ୍ରାହକଙ୍କ ହୋହଲ୍ଲା

**ମାହାଙ୍ଗା,୨୨।୪(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଜଳେଶ୍ୱରପୁର ପଞ୍ଚାୟତ ଅଳିଯୋଡାସ୍ଥିତ ଏକ ପେଟ୍ରୋଲ ଟାଙ୍କିରେ ତେଲ ଅପମିଶ୍ରଣ ହୋଇଥିବା ଅଭିଯୋଗ କରି ଗୁରୁବାର ଗ୍ରାହକମାନେ ପାଟିତୁଣ୍ଡ କରିଛନ୍ତି। ସୂଚନାପାଇ ଖବରଦାତାମାନେ ପହଞ୍ଚି ଖବର ସଂଗ୍ରହ କରୁଥିବାବେଳେ ପେଟ୍ରୋଲ ପମ୍ପ ମାଲିକ ଦୁର୍ବ୍ୟବହାର କରିଛନ୍ତି। ଏନେଇ ଖବରଦାତାମାନେ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପେଟ୍ରୋଲ ପମ୍ପରେ କେତେଜଣ ଗ୍ରାହକ ତେଲ ପକାଇଥିଲେ। ଅଳ୍ପ କିଛି ବାଟ ଗାଡ଼ି ଚାଲିବା ପରେ ସମସ୍ୟା ଦେଖାଯିବା ସହ ବନ୍ଦ ହୋଇଯାଇଥିଲା। କେତେଜଣ ଗ୍ରାହକ ଗାଡ଼ିରୁ ତେଲ ସରିଯାଇଥିବା ଆଶଙ୍କା କରି ପୁନର୍ବାର ଟାଙ୍କିକୁ ଆସିଥିବା ବେଳେ ଆଉ କେତେଜଣ ନିକଟସ୍ଥ ଗ୍ୟାରେଜକୁ ଯାଇ ଷ୍ଟାର୍ଟିଂ ସମସ୍ୟା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ପେଟ୍ରୋଲରେ ପାଣି ଓ ଅପମିଶ୍ରିତ କେମିକାଲ ମିଶିଥିବା ନେଇ ମିସ୍ତ୍ରି କହିଥିଲେ। ପରେ ଗ୍ରାହକମାନେ ପେଟ୍ରୋଲ ପମ୍ପରେ ପହଞ୍ଚି ହୋହଲ୍ଲା କରିଥିଲେ। ଗାଡ଼ିରେ ପଡ଼ିଥିବା ତେଲର ଦାମ ଫେରସ୍ତ କରାଯିବ ବୋଲି ଟାଙ୍କି ମାଲିକ କହିବା ସତ୍ତ୍ୱେ ମଧ୍ୟ ବହୁ ସମୟ ଧରି ପାଟିତୁଣ୍ଡ ଚାଲିଥିଲା। ଏହି ସମୟରେ ଖବରଦାତାମାନେ ପହଞ୍ଚିଯିବାରୁ ସେମାନଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗ୍ରାହକଙ୍କୁ ଠକୁଥିବାରୁ ସମ୍ପୃକ୍ତ ଟାଙ୍କି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ।



ଗ୍ରାହକମାନେ ବୋତଲରେ ଥିବା ଅପମିଶ୍ରିତ ତେଲ ଦେଖାଉଛନ୍ତି।

# ଆଧାର କାର୍ଡ ସଂଶୋଧନ ଆଳରେ ଠକେଇ

**କଟକ ସଦର,୨୨।୪(ଡି.ଏନ.ଏ.)**

କଟକ ସଦର ବ୍ଲକ କନ୍ଦରପୁର ବଜାରରେ ଥିବା ଏକ କମ୍ପ୍ୟୁଟର କେନ୍ଦ୍ରରେ ଆଧାର କାର୍ଡ ସଂଶୋଧନ ଆଳରେ ୧୭ ହଜାର ଟଙ୍କା ଠକେଇ ହୋଇଥିବା କନ୍ଦରପୁର ଥାନାରେ ଅଭିଯୋଗ ହୋଇଛି। ଆୟଉପୁର ପଞ୍ଚାୟତ ଅଧୀନ ଦାମୋଦରପୁର ଗ୍ରାମର ମହନି ଚରଣ ଦାସ ନାମକ ବରିଷ୍ଠ ନାଗରିକ ଏହି ଠକେଇର ଶିକାର ହୋଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିଥିଲା। ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖରେ ଦାସ ଏକ ନିର୍ଦ୍ଦିଷ୍ଟ କମ୍ପ୍ୟୁଟର କେନ୍ଦ୍ରକୁ ଆଧାର କାର୍ଡ ସଂଶୋଧନ ପାଇଁ ଯାଇଥିଲେ। ହେଲେ ଉକ୍ତ କେନ୍ଦ୍ରର ମାଲିକ ଚଞ୍ଚକତା କରି ଦାସଙ୍କ ଷ୍ଟେଟ୍‌ବ୍ୟାଙ୍କ ଆକାଉଣ୍ଟ ନମ୍ବର ସଂଗ୍ରହ କରିନେଇଥିଲେ। ପରବର୍ତ୍ତୀ ଉକ୍ତ ଆକାଉଣ୍ଟରୁ ଦୁଇଟି ପର୍ଯ୍ୟାୟରେ ୧୭,୦୦୦ ଟଙ୍କା ଅନ୍ୟଏକ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ବ୍ୟାଙ୍କ ପାସ୍‌ବୁକ୍ ଅପ୍‌ଡେଟ୍ କରିବାରୁ ଦାସ ଠକେଇ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ସେ କନ୍ଦରପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏଏସ୍‌ଆଇ ମନ୍‌ସୁର ଖାନ୍ କୁହନ୍ତି, ଅନ୍‌ଲାଇନ୍‌ରେ ଭୁଲ୍ ହୋଇଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ଆପୋସ ସମାଧାନ ହେବା ପରେ ଉକ୍ତ କମ୍ପ୍ୟୁଟର କେନ୍ଦ୍ରର ମାଲିକ ୧୭,୦୦୦ ଟଙ୍କା ଦାସଙ୍କୁ ଫେରସ୍ତ କରିଥିଲେ।

ବର୍ତ୍ତମାନ ବିଭିନ୍ନ ସରକାରୀ କାର୍ଯ୍ୟରେ ତ୍ରୁଟିମୁକ୍ତ ଆଧାରକାର୍ଡ ଦରକାର ପଡୁଛି। ତେଣୁ ସାଧାରଣ ଲୋକମାନେ କେଉଁ ସ୍ଥାନରେ ଆଧାରକାର୍ଡ ସଂଶୋଧନ କରିବେ ସେ ସମ୍ପର୍କରେ ସୂଚନା ପାଇପାରୁନାହାନ୍ତି। ଏହାଛଡା ସବୁ କମ୍ପ୍ୟୁଟର କେନ୍ଦ୍ର ଆଗରେ ଜନସେବା କେନ୍ଦ୍ର ବୋର୍ଡ ଲଗାଯାଇଥିବାରୁ ସାଧାରଣ ଲୋକେ ଅନେକ ସମୟରେ ସହଜରେ ଠକାମିର ଶିକାର ହେଉଛନ୍ତି। କନ୍ଦରପୁରରେ ଥିବା ଉକ୍ତ କମ୍ପ୍ୟୁଟର କେନ୍ଦ୍ର ଆଧାରକାର୍ଡ ସଂଶୋଧନ ପାଇଁ ପ୍ରାଧିକୃତ ନ ଥିବା ଜଣାପଡ଼ିଛି। କଟକ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସଦର ବ୍ଲକର ୨୩ଟି ପଞ୍ଚାୟତରେ କେଉଁ ଜନସେବା କେନ୍ଦ୍ରକୁ ଆଧାର ସଂଶୋଧନ କ୍ଷମତା ଦିଆଯାଇଛି, ତାହା ସ୍ପଷ୍ଟ କରିବା ପାଇଁ ଦାବି ହେଉଛି।

### ଅବକାରୀ ଚଢ଼ାଉ: ୩ ଗିରଫ

**ବାଙ୍କୀ,୨୨।୪(ସ୍ୱ.ପ୍ର.):** ବାଙ୍କୀ ଅବକାରୀ ବିଭାଗ ସହକାରୀ ଅଧିକାରୀ ତେଲେସ୍ଫର ଲାକ୍ରାଙ୍କ ତତ୍ତ୍ୱାବଧାନରେ ଗୁରୁବାର ବାଙ୍କୀର ୩ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ ଜବତ କରାଯାଇଛି। ଜାତମୁଣ୍ଡିଆ ଛକରେ ଆଠଗଡ ଆଡୁ ବାଇକ୍‌ରେ ଆସୁଥିବା ହାଟମାଳ ଅଞ୍ଚଳର କେଶବ ରଣାଙ୍କୁ ବେଆଇନ ମଦ ରଖିବା ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କଠାରୁ ୩୦ ଲିଟର ମଦ ଜବତ କରାଯାଇଛି। ସେହିପରି ବରପାଟଣା ଗ୍ରାମ୍ୟ ରାସ୍ତା ନିକଟରୁ ବିନୋଦ ସାମଲ ଓ ଢଁସର ଗ୍ରାମ୍ୟ ରାସ୍ତା ନିକଟରୁ ସମାର ରାଉତଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ୧୦ ଓ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ବିଭାଗ ପକ୍ଷରୁ ମାମଲା (ନଂ.-୬,୭,୮/୨୧-୨୨) ରୁଜୁ କରାଯାଇଛି।

# ପରୀକ୍ଷା ବାତିଲ, ସମସ୍ତେ ନିରାଶ

**କଟକ ଅଫିସ/ଭୁବନେଶ୍ୱର(ବ୍ୟୁରୋ),୨୨।୪**

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡ଼ିଛି। କରୋନା କବଳରୁ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଅନେକ ନିଷ୍ପତ୍ତି ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ବନ୍ଦ କରିଦେଇଛନ୍ତି। ଏଥିସହ ସିବିଏସ୍‌ଇ, ଆଇସିଏସ୍‌ଇ ଦଶମ ପରୀକ୍ଷା, ମାଟ୍ରିକ, ପ୍ରବେଶିକା ପରୀକ୍ଷା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ବାତିଲ କରାଯାଇଛି। ଏହାକୁ ନେଇ ମାଟ୍ରିକ ଛାତ୍ରୀଛାତ୍ରମାନେ ଚିନ୍ତିତ ହୋଇପଡିଛନ୍ତି। ସେମାନଙ୍କୁ କିପରି ଓ କେଉଁ ଆଧାରରେ ମାର୍କ ମିଳିବ ସେ ନେଇ ରାଜ୍ୟ ସରକାର କୌଣସି ସ୍ପଷ୍ଟ କରିନାହାନ୍ତି। ଯାହାକୁ ନେଇ ଛାତ୍ରୀଛାତ୍ରମାନେ ଏବେ ବି ଅନ୍ଧାରରେ ରହିଛନ୍ତି। ସେପଟେ ଅଳ୍ପ କିଛି ପିଲାଙ୍କୁ ଛାଡ଼ିଦେଲେ ପରୀକ୍ଷା ବାତିଲକୁ ଶିକ୍ଷକ, ଅଭିଭାବକ, ଅଧିକାଂଶ ମେଧାବୀ ଛାତ୍ରୀଛାତ୍ର ଗ୍ରହଣ କରିପାରୁନାହାନ୍ତି। କରୋନା ପାଇଁ ପରୀକ୍ଷା ବାତିଲ ହୋଇଥିବା ଜାଣିଥିଲେ ମଧ୍ୟ ତାକୁ ସ୍ୱୀକାର କରିବା ଏମାନଙ୍କ ପାଇଁ କଷ୍ଟ ବୋଲି ମତପ୍ରକାଶ କରିଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ ନବମ, ଯୁକ୍ତ ୨, ଯୁକ୍ତ ୩ ଓ ପିଜି ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ କ୍ଲାସ୍ କରାଯାଉଛି। ହେଲେ ଏହି ପ୍ରକ୍ରିୟାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଦୁର୍ଗମ ଅଞ୍ଚଳରେ ଫେଲ୍ ମାରିଛି ଅନ୍‌ଲାଇନ ଶିକ୍ଷା



କରୋନା ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା କରାଯାଇଛି। ହେଲେ ଦୁର୍ଗମ ଅଞ୍ଚଳରେ ଏହି ବ୍ୟବସ୍ଥା ଫେଲ୍ ମାରିଛି। ବିଭିନ୍ନ ଅଞ୍ଚଳରେ ଠିକ୍‌ଭାବେ ନେଟ୍‌ୱର୍କ ଆସୁ ନ ଥିବାରୁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ପାଠ ପଢ଼ିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ସ୍ମାର୍ଟଫୋନ୍ ନ ଥିବା ଛାତ୍ରୀଛାତ୍ରମାନେ ଏହି ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

- ମଧୁସ୍ମିତା ସେନାପତି, ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ

### ବର୍ଷକର ପରିଶ୍ରମ ବୃଥା



ଦଶମ ପରୀକ୍ଷା ପାଇଁ ୧ ବର୍ଷ ହେବ ଜୋର୍‌ସୋରରେ ପ୍ରସ୍ତୁତି ଜାରି ରଖିଥିଲି। ହେଲେ ପରୀକ୍ଷା ବାତିଲ ହେବା ପରେ ଏତେଦିନର ପରିଶ୍ରମ ବୃଥା ହୋଇଗଲା; ଯାହାକି ଅତ୍ୟନ୍ତ ନିରାଶଜନକ। କରୋନା ସ୍ଥିତିରେ ସୁଧାର ଆସିବା ପରେ ସରକାର ପରୀକ୍ଷା କରିବାକୁ ନିଷ୍ପତ୍ତି ନେବେ ବୋଲି ଆଶା କରୁଛି।

- ଚିନ୍ମୟ ପ୍ରସାଦ ସାହୁ, ଛାତ୍ର

### ଭଲ କଲେଜରେ ଆଡମିଶନ ପାଇଁ ଚିନ୍ତା



ପିଲାଙ୍କ ଭବିଷ୍ୟତ ପାଇଁ ଅନେକ ଟଙ୍କା ଖର୍ଚ୍ଚ କରୁଛୁ। ଏବେ କରୋନା ଯୋଗୁ ଦଶମ ପରୀକ୍ଷା ବାତିଲ କରାଯାଇଛି। ଆଗାମୀ ଦିନରେ ପରୀକ୍ଷା ହେବ କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଛୁ। ଯଦି ପରୀକ୍ଷା ହେବ ତାହା କିଭଳି ଭାବେ କରାଯିବ। ଆଉ ଯଦି ପରୀକ୍ଷା ନ ହେବ ତା'ହେଲେ କିଭଳି ଭାବେ ଆମ ପିଲା ଭଲ କଲେଜରେ ଆଡ୍‌ମିଶନ ପାଇବେ ତାହାକୁ ନେଇ ଆମେ ଚିନ୍ତାରେ ରହୁଛୁ।

- ସଂଘମିତ୍ରା ସାହୁ , ଅଭିଭାବକ

### କାଉନ୍‌ସେଲିଂର ଆବଶ୍ୟକତା ରହିଛି



ବିଦ୍ୟାଳୟ ବନ୍ଦ ହେବାରୁ ପିଲାମାନଙ୍କ ଉପରେ ମାନସିକ ଚାପ ବଢୁଛି। କାରଣ ପିଲାମାନେ ଘରୋଇ ହିଂସାର ଶିକାର ହେଉଛନ୍ତି। ମାନସିକ ଚାପ ହ୍ରାସ କରିବା ପାଇଁ ସବୁ ସ୍କୁଲ ପକ୍ଷରୁ ଅଭିଭାବକ ଏବଂ ପିଲାମାନଙ୍କୁ କାଉନସେଲିଂ କରାଯିବା ଦରକାର। ଏହାଦ୍ୱାରା ପିଲାଙ୍କ ମନରେ ଥିବା ଆକ୍ରୋଶ କମିବ ଓ ଅଭିଭାବକଙ୍କ ସହନ ଶକ୍ତି ବଢ଼ିବ।

- ପ୍ରଭୁଚରଣ ମହାନ୍ତି, ଡାଇରେକ୍ଟର, ସେଣ୍ଟ ଜାଭିୟର ଗ୍ରୁପ

### ଦୀର୍ଘବର୍ଷର ପରମ୍ପରାର ଭଙ୍ଗ



କରୋନା ମହାମାରୀ ଯୋଗୁ ଚଳିତବର୍ଷ ସିବିଏସ୍‌ଇ ପରୀକ୍ଷା ବାତିଲ କରାଯାଇଛି। ଏଥିପାଇଁ ତରବରିଆ ଭାବେ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ ଦୀର୍ଘବର୍ଷର ପରମ୍ପରା ଭଙ୍ଗ ହୋଇଛି। ବିହାରରେ କରୋନା ସମୟରେ ସିବିଏସ୍‌ଇ ପରୀକ୍ଷା କରାଯାଇଥିବାବେଳେ ଓଡ଼ିଶାରେ କାହିଁକି ନ ହେବ ତାହାକୁ ନେଇ ସେ ପ୍ରଶ୍ନ କରିଛନ୍ତି।

- ସତ୍ୟକାମ ମିଶ୍ର, ଶିକ୍ଷାବିତ୍

### ପିଲାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ



ସରକାର ଏ ନିଷ୍ପତ୍ତି ନେବା ପୂର୍ବରୁ କାହାର ପରାମର୍ଶ ନେଇଥିବା ମୋତେ ଲାଗୁନାହିଁ। ଏହି ନିଷ୍ପତ୍ତି ରାଜ୍ୟର ୬ଲକ୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଏହି ପିଲାମାନେ ବିଜ୍ଞାନ, ବାଣିଜ୍ୟ କିମ୍ବା କଳା ପଢ଼ିବେ ତାଙ୍କର ବିବେଚନା କଲା ଭଳି କିଛି ନାହିଁ। ସେମାନଙ୍କୁ ବୋର୍ଡ କିଭଳି ମାର୍କ ଦେବ ତାହା ଜଟିଳ କଥା। ପରୀକ୍ଷା ପାଇଁ ଆମେ ସରକାରଙ୍କୁ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେଇଥିଲୁ। ଅଧିକ ସେଣ୍ଟର ବଢ଼ାଇବା ସହିତ ପରୀକ୍ଷା ଦିନକୁ ବଢ଼ାଯାଇପାରିଥାନ୍ତା। ସିବିଏସ୍‌ଇ ଓ ଆଇସିଏସ୍‌ଇକୁ ଫଲୋ କରି ଆମ ପରୀକ୍ଷା ବାତିଲ କରିବା ଉଚିତ୍ ନୁହେଁ।

- ପ୍ରକାଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ

### ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ

ପରୀକ୍ଷା ବାତିଲ କରିବା ପାଇଁ ସରକାର ବିଭିନ୍ନ ଷ୍ଟେକ୍ ହୋଲ୍‌ଡରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେଇଥିବା କହୁଛନ୍ତି। ତାହା ନିରାଟ ମିଛ। କାହା ସହିତ ଆଲୋଚନା ନ କରି ନିଜେ ନିଜେ ନିଷ୍ପତ୍ତି ନେଇଯାଇଛନ୍ତି। ଲକ୍ଷ ଲକ୍ଷ ମେଧାବୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପ୍ରତି ସରକାର ଅନ୍ୟାୟ କରିଛନ୍ତି। ମଙ୍ଗଳବାର ରାଜଧାନୀରେ ଯେଉଁ ଛାତ୍ରୀଛାତ୍ର ନବୀନ ନିବାସ ମୁହାଁ ହୋଇଥିଲେ ଏବଂ ପରୀକ୍ଷା ବାତିଲ ପାଇଁ ଧାରଣା ଦେଇଥିଲେ ତାହା ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା ବୋଲି ଆଜି ସ୍ପଷ୍ଟ ହୋଇଯାଇଛି।



- ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ

### ପରିଶ୍ରମ ଫଳ ମିଳିବ କି ନାହିଁ ଜଣାନାହିଁ



ପରୀକ୍ଷା ବାତିଲ ନିଷ୍ପତ୍ତି ଠିକ୍ ହୋଇନି। ମନ ଭଲ ଲାଗୁନି। ବର୍ଷଟା ଯାକ ପରିଶ୍ରମ କରିଛି। ୯୦% ରଖିବି ବୋଲି ଆଶା କରିଥିଲି। ଏବେ ସେତିକି ରଖିପାରିବି କି ନାହିଁ ତାହା ଜଣାନାହିଁ। ତେଣୁ କରୋନା ସ୍ଥିତିରେ ସୁଧାର ଆସିବା ପରେ ପରୀକ୍ଷା କରାଯାଉ। ପରୀକ୍ଷା ହେଲେ ମୁଁ ନିଶ୍ଚିତ ଭାବେ ପରୀକ୍ଷା ଦେବି।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟ, ଛାତ୍ରୀ

### ମେଧାବୀ ପିଲାଙ୍କ ପାଇଁ ଏହି ନିଷ୍ପତ୍ତି ଠିକ୍ ନୁହେଁ



ସରକାରଙ୍କ ଏହି ନିଷ୍ପତ୍ତି ଅଧା ଠିକ୍ ଅଧା ଭୁଲ। କରୋନା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଠିକ୍ ହୋଇଛି। ହେଲେ ମେଧାବୀ ପିଲାଙ୍କ ପାଇଁ ଏହି ନିଷ୍ପତ୍ତି ଠିକ୍ ନୁହେଁ। କାରଣ ଯେଉଁମାନେ ପରିଶ୍ରମ କରିଥିଲେ ଓ ତାଙ୍କୁ ତାଙ୍କର ପରିଶ୍ରମର ଫଳ ମିଳି ନ ପାରେ। କିନ୍ତୁ ଯେଉଁମାନେ ପରିଶ୍ରମ କରି ନାହାନ୍ତି ସେମାନଙ୍କ ପାଇଁ ଏହି ନିଷ୍ପତ୍ତି ଠିକ୍ ଭଳି ଲାଗୁଛି।

- ଓମ୍ ସ୍ୱାଇଁ, ଛାତ୍ର

### ସମୟ ନଷ୍ଟ ହେବା ପୂର୍ବରୁ ଜଣାଇଦେଲେ



ମାଟ୍ରିକ ପରୀକ୍ଷା ବାତିଲ ହେବା ନିଷ୍ପତ୍ତି ମୋତେ ଠିକ୍ ଲାଗୁଛି। ପରୀକ୍ଷା ମେ' ୩ରୁ ହେବାର ଥିଲା। କିନ୍ତୁ ସ୍ଥଗିତ କରାଯାଇ ଜୁନ୍‌ରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା। ସେତେବେଳେ ପରୀକ୍ଷା ହେବନି ବୋଲି କହିଥିଲେ ଆମର ପୁରା ସମୟ ନଷ୍ଟ ହୋଇଥାନ୍ତା। ତେଣୁ ଏବେ ପରୀକ୍ଷା ବାତିଲ ନିଷ୍ପତ୍ତି ଜଣାଇ ଦେବା ଠିକ୍ ହୋଇଛି। ଆମେ ଏବେ ଯୁକ୍ତ ୨ ପାଠ ପଢ଼ିପାରିବୁ।

- ଅର୍ଚ୍ଚନା ଦାଶ, ଛାତ୍ରୀ

**ଜରୁରିକାଳୀନ ସ୍ଥିତିରେ ରକ୍ତ ଦେବ ପୋଲିସ**

ପୁରୀ ଅଫିସ: ସ୍ୱାସ୍ଥ୍ୟଜନିତ ଜରୁରିକାଳୀନ ସ୍ଥିତିରେ ପୁରୀ ପୋଲିସ ରକ୍ତଦାନ କରିବ। ଏଥିପାଇଁ ଷ୍ଟାଣ୍ଡବାଇରେ ୨୧ଜଣ ପୋଲିସ କର୍ମଚାରୀଙ୍କୁ ରଖାଯାଇଛି। ଓ ପଜିଟିଭ୍ ବ୍ଲଡ୍ ଗ୍ରୁପ୍‌ର ୧୧ଜଣ ପୋଲିସ କର୍ମଚାରୀଙ୍କ ନାମ ତାଲିକା ଜିଲା ପୋଲିସ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି। ସେହିଭଳି ୩ ଜଣ ଏ ପଜିଟିଭ୍, ୫ଜଣ ବି ପଜିଟିଭ୍, ଜଣେ ଏବି ନେଗେଟିଭ୍, ଜଣେ ବି ନେଗେଟିଭ୍ ବ୍ଲଡ୍ ଗ୍ରୁପ୍‌ର କର୍ମଚାରୀ ରହିଛନ୍ତି। ନୋଡାଲ୍ ଅଫିସର ଟୁନୁ ସାହୁ ଗୁରୁବାର ଏହି ସୂଚନା ଦେଇଛନ୍ତି।




୨୨.୦୪.୨୦୨୧

| ୬୪,୦୫୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ବିଡିଓଙ୍କୁ ଘେରିଲେ ମହିଳା

ପିପିଲି,୨୨।୪(ସ୍ୱ.ପ୍ର.): ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟନକୁ ନେଇ ଗତ ୨୦ତାରିଖରେ ବିବାଦ ସୃଷ୍ଟି ହୋଇଥିଲା । ପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପିଡିଏସ୍ ସାମଗ୍ରୀକୁ ଫେରାଇ ଅଣାଯାଇଥିଲା। ଗୁରୁବାର ଉକ୍ତ ପଞ୍ଚାୟତରେ ସମୀକ୍ଷା ପାଇଁ ବିଡିଓ ରଶ୍ମିତା ନାଥ, ଯୋଗାଣ ନିରୀକ୍ଷକ ପ୍ରମୁଖ ଯାଇଥିବା ବେଳେ କେତେଜଣ ମହିଳା ତାଙ୍କ ଗାଡ଼ିକୁ ଅଟକାଇବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ବିଡିଓଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି।

### ସାନ ଭାଇ ଆକ୍ରମଣରେ ବଡ଼ ଗୁରୁତର

ପୁରୀ ଅଫିସ, ୨୨।୪: ଧାର ଟଙ୍କା ଆଣିବାକୁ ଯାଇ ସାନଭାଇ ଆକ୍ରମଣରେ ବଡ଼ ଭାଇ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଖଜୁରିଆ ପଞ୍ଚାୟତ ଘଟକୁଳି ଗ୍ରାମର ରଞ୍ଜିତ କୁମାର ବେହେରା (୩୫)। ସୂଚନା ଅନୁଯାୟୀ, ୪ବର୍ଷ ତଳେ ରଞ୍ଜିତ ଧାର କରି ୨ଲକ୍ଷ ଟଙ୍କା ସାନ ଭାଇ କାଳିଆଙ୍କୁ ଦେଇଥିଲେ। ତେବେ କାଳିଆ ଉକ୍ତ ଟଙ୍କା ରଞ୍ଜିତଙ୍କୁ ଫେରାଉ ନ ଥିଲେ। ରଞ୍ଜିତ ଗୁରୁବାର କାଳିଆ ରହୁଥିବା ବଡ଼ଶଙ୍ଖ ଖାକିମଠ ନୂଆସାହିସ୍ଥିତ ଭଡା ଘରକୁ ଟଙ୍କା ମାଗିବାକୁ ଯାଇଥିଲେ। ତେବେ ତାଙ୍କୁ କାଳିଆ ଟଙ୍କା ଦେବା ପରିବର୍ତ୍ତେ ୩ ଜଣ ସାଥିଙ୍କ ସହ କାଠଫାଳିଆରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ରଞ୍ଜିତ୍‌ଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ରଞ୍ଜିତ କୁମ୍ଭାରପଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ କରୁଛି।

### ଧରିତ୍ରୀ ଦିବସ ପାଳିତ

ଡେଲାଙ୍ଗ,୨୨।୪(ଡି.ଏନ୍.ଏ.): ବରକେରାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ମିଟୁ କିଶୋର ପ୍ରଧାନ, ବିରଞ୍ଚି ନାରାୟଣ ବରାଳ, ସୁଧୀର ଜେନା, ପୁରୁଷୋତ୍ତମ ନାୟକ ଏବଂ ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ସେହିପରି ଗଡ଼ ବେଗୁନିଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଉମେଶଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅଭିମନ୍ୟୁ ସିଂହ, ରମାକାନ୍ତ ବେହେରା, ଦିନେଶ ବେହେରା, ଶରତଚନ୍ଦ୍ର ସିଂହ, କଳିଙ୍ଗ କେଶରୀ ମହାପାତ୍ର, ଶାନ୍ତନୁ ରାୟ, ହେମନ୍ତ ବେହେରା, ରବିନାରାୟଣ ଜେନା, ମମତା ପରିଡା ପ୍ରମୁଖ ଧରିତ୍ରୀ ଦିବସ ବିଷୟରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ସୃଷ୍ଟି ଆବଶ୍ୟକ। ଜଳ ସମ୍ପଦର ସୁରକ୍ଷା ସହ ଚାରାରୋପଣ ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

# ‘ଟିଏମ୍‌ସି, ନିୟନ୍ତ୍ରଣ କକ୍ଷ ପ୍ରସ୍ତୁତ ରଖ’

## କୋଭିଡ୍ ସ୍ଥିତି ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ପୁରୀ ଅଫିସ,୨୨।୪:

ପୁରୀ ଜିଲାରେ କୋଭିଡ୍ ସ୍ଥିତି ପରିଚାଳନା ଓ ମୁକାବିଲା ସମ୍ବନ୍ଧିତ ବୈଠକ ଗୁରୁବାର ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାପାଳ ସମର୍ଥ ବର୍ମା କୋଭିଡ୍ ପ୍ରସ୍ତୁତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ସୂଚନା ଅନୁଯାୟୀ, ଜିଲାରେ ବର୍ତ୍ତମାନ ୧.୭୬ ଲକ୍ଷ ଟିକାକରଣରେ ସାମିଲ ହୋଇଛନ୍ତି। ପୁରୀରେ ୨ଟି, ନିମାପଡ଼ା, କୋଣାର୍କ, ବ୍ରହ୍ମଗିରିରେ ପ୍ରତ୍ୟେକ ଗୋଟିଏ କୋଭିଡ୍ କେୟାର ସେଣ୍ଟର ଥିବାବେଳେ ଏଠାରେ ମୋଟ୍ ଶଯ୍ୟା ସଂଖ୍ୟା ୫ଶହ। ପ୍ରବାସୀ ଶ୍ରମିକ ଓ କୁମ୍ଭମେଳା ଫେରନ୍ତାଙ୍କ ଉପରେ ପ୍ରଶାସନ ନଜର ରଖିଛି। ପ୍ରତ୍ୟେକ ବ୍ଲକ୍‌ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଲେଖାଏ ଆମ୍ବୁଲାନ୍ସ ପ୍ରସ୍ତୁତ ରହିଛି। ସଂକ୍ରମଣକୁ ଯଥାସମ୍ଭବ


ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏବଂ ଅଧିକାରୀମାନେ ।

ନିୟନ୍ତ୍ରଣ କରିବା ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା କୋଭିଡ୍ ପରିଚାଳନା ସହ ସଂପୃକ୍ତ ଥିବା ଜିଲାର ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ଶ୍ରମ, ପରିବହନ ବିଭାଗ ଓ ପୋଲିସ ପ୍ରଶାସନର ସମନ୍ୱୟରେ ଏକ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ଟେଷ୍ଟିଂ, ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ସଙ୍ଗରୋଧ ବ୍ୟବସ୍ଥା ଓ ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ଭୁବନେଶ୍ୱରସ୍ଥିତ କୋଭିଡ୍ ରେଫରାଲ୍ ହସ୍ପିଟାଲ ସହ ସମ୍ପର୍କରେ ରହିବା ପାଇଁ କହିଛନ୍ତି। ପଞ୍ଚାୟତସ୍ତରରେ ଟିଏମ୍‌ସିକୁ ପ୍ରସ୍ତୁତ ରଖିବା ନେଇ ସେ ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ରଥଯାତ୍ରା ଖୁବ୍ କମ୍ ସମୟ ରହିଥିବାରୁ ଜିଲାର ପ୍ରବେଶ ପଥ ପିପିଲି, ପୁରୀ ରେଳଷ୍ଟେଶନ, ଚାରିଛକ, ବସଷ୍ଟାଣ୍ଡ ଓ ଅସ୍ତରଙ୍ଗ ଭଳି ସ୍ଥାନରେ ଜିଲା ପ୍ରଶାସନ ସତର୍କ ଦୃଷ୍ଟି ରଖିବା ଦରକାର। କୃଷ୍ଣପ୍ରସାଦ ବ୍ଲକର ଚିଲିକା ମଧ୍ୟରେ ଥିବା ୧୪ ପଞ୍ଚାୟତରେ କୋଭିଡ୍ ନିୟନ୍ତ୍ରଣ ଓ ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଭାବେ ଏକ କୋଭିଡ୍ କେୟାର ସେଣ୍ଟର ଆରମ୍ଭ କରିବା ପାଇଁ ଦାସବର୍ମା ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ, ପିଡି ଡିଆର୍‌ଡିଏ ନୀତିରଞ୍ଜନ ସେନ ଏବଂ ସିଡିଏମ୍‌ଓ ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାବଣ ତାଟି ଅନୁକୂଳ


ପୂଜାର୍ଚ୍ଚନା ହୋଇଥିବା ରାବଣ ତାଟି ।

ପୁରୀ ଅଫିସ, ୨୨।୪

ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ଗୁରୁବାର ପୁରୀରେ ପରମ୍ପରା ଅନୁଯାୟୀ ରାବଣ ତାଟି ପୂଜା ଅନୁଷ୍ଠିତ ହୋଇଛି। ବାଲିସାହିର ଇଷ୍ଟଦେବୀ ମା’ ବରାହୀ ଠାକୁରାଣୀଙ୍କ ନିକଟରେ ବଧ ରାବଣ ତାଟି ପୂଜାର୍ଚ୍ଚନା କରାଯାଇଥିଲା। ମା’ଙ୍କ ନିକଟରେ ମାଛ ବଳି ପଡ଼ିବା ପରେ ତାଟି ପୂଜା ନୀତି ଆରମ୍ଭ ହୋଇଥିଲା। ପରେ ଖେଚୁଡ଼ି, ମାଛ ବେଶର ଓ ଶୁଖୁଆ ଭୋଗ କରାଯାଇଥିଲା। ସାହିଯାତର ପରମ୍ପରା ଅନୁଯାୟୀ ବାଲିସାହି ପକ୍ଷରୁ ରାବଣ ବଧ ନୀତି ଆଗତ କରାଯାଇଥାଏ। ତେଣୁ ରାବଣ ବଧ ଦିନ ବାଲିସାହିରୁ ରାବଣ ବାହାରି ନଗର ପରିକ୍ରମା କରିବା ସହ ସମର କଳା ପ୍ରଦର୍ଶନ କରି ଜଗନ୍ନାଥ ବଲ୍ଲଭରେ ବଧ ନୀତି ସମ୍ପାଦନ କରାଯାଇଥାଏ। ମା’ ବରାହୀଙ୍କ ନିକଟରେ ଦଶମୀ ତିଥି ଅବସରରେ ବଧ ରାବଣ ତାଟି ପୂଜା ହେବାର ବିଧି ରହିଛି। ବିଧି ଅନୁଯାୟୀ ଚିତ୍ରକାର ଚିତ୍ତ ରଞ୍ଜନ ମହାରଣା ତାଟିର ରଙ୍ଗ ଏବଂ ମରାମତି କରିବା ନିମନ୍ତେ ତାଟିକୁ ନିଜ ଗୃହକୁ ନେଇଥିଲେ। ତାଟି ପୂଜା ଅବସରରେ ସାହିର ମୁରବିମାନେ ଉପସ୍ଥିତ ଥିଲେ।


ଶ୍ରୀକ୍ଷେତ୍ର ସାହିଯାତର ଦ୍ୱିତୀୟ ଦିବସରେ ଗୁରୁବାର ହରଚଣ୍ଡୀ ସାହିରୁ ଆସିଥିବା ବେଶଧାରୀମାନେ ନୃତ୍ୟ କରୁଛନ୍ତି।

## ସିଲ୍ ହେଲା ୨୩ ଦୋକାନ

ପୁରୀ ଅଫିସ,୨୨।୪:

ପୁରୀ ଜିଲାରେ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ଜିଲାର ବିଭିନ୍ନ ବ୍ଲକ୍ ଓ ସହରରେ ପୋଲିସର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି କଟକଣା ମାନୁ ନ ଥିବା ଦୋକାନକୁ ସିଲ୍ କରିଛି। ଜିଲାରେ ସମୁଦାୟ ୨୩ଟି ଦୋକାନ ସିଲ୍ ହୋଇଛି। ଏଥିମଧ୍ୟରେ କାକଟପୁରର ୬, ପୁରୀ ଟାଉନ୍‌ର ୮, କୋଣାର୍କର ୩, ନିମାପଡ଼ା ଓ ରାମଚଣ୍ଡୀ ଅଞ୍ଚଳର ୨ଟି ଲେଖାଏ ଏବଂ ସଦର ଓ ସତ୍ୟବାଦୀର ଗୋଟିଏ ଲେଖାଏଁ ଦୋକାନ ରହିଛି। ଜିଲାରେ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଇଛି। ୯୦୬ ଜଣ ଉଲ୍ଲଂଘନକାରୀଙ୍କଠାରୁ ୯୮,୬୦୦ ଟଙ୍କା ଜରିମାନା ଆଦାୟ ହୋଇଛି।

## ନିମାପଡ଼ା: ୧୦୦ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ନିମାପଡ଼ା,୨୨।୪(ଡି.ଏନ୍.ଏ.):

ପୁରୀ ଜିଲା ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଗୁରୁବାର ୧୬ଜଣ ସଂକ୍ରମିତ ହୋଇଛନ୍ତି। ନିମାପଡ଼ାରେ ଗୁରୁବାର ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୧୦୧ ରେ ପହଞ୍ଚିଥିବା ବିଡିଓ ମନୋଜ କୁମାର ବେହେରା, ବିପିଏମ୍ ଶିବ ନନ୍ଦ କହିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୭୯ଜଣ ପୁରୁଷ ଓ ୨୨ଜଣ ମହିଳା ରହିଛନ୍ତି। କରୋନା ସ୍ଥିତିର ମୁକାବିଲା ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମୀକ୍ଷା କରିଛନ୍ତି। ସେହିପରି ଏସ୍‌ପି ଡ. କନୱର ବିଶାଳ ସିଂ ବୁଧବାର ସନ୍ଧ୍ୟାରେ ନିମାପଡ଼ା ଥାନା ପରିଦର୍ଶନ କରିବା ସହ କରୋନା ସ୍ଥିତିର ସମୀକ୍ଷା କରିଥିଲେ। ନିମାପଡ଼ାରେ ମୋଟ୍ ୧୫ହଜାର ୯୩୫ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି। କରୋନା ମୁକାବିଲା ପାଇଁ ପ୍ରତ୍ୟେକ ଜନସାଧାରଣ ସଚେତନ ହେବା ସହ ମାସ୍କ ପରିଧାନ, ହାତ ଧୋଇବା ଏବଂ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଦେଢ଼ଶୁର କୁରାଢ଼ି ଚୋଟରେ ଭାଇବୋହୂ ଗୁରୁତର

କଣାସ,୨୨।୪(ଡି.ଏନ୍.ଏ./ସ୍ୱ.ପ୍ର.): ଘରବାରି ବଣ୍ଟନକୁ କେନ୍ଦ୍ରକରି ଗୁରୁବାର ଦେଢ଼ଶୁରର କୁରାଢି ଚୋଟରେ ଭାଇବୋହୂ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଗଡ଼ିଶାଗୋଦା ଥାନା ପୋଲିସ ଦେଢ଼ଶୁର ଜଟାଧାରୀ ସାମନ୍ତରାୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ଗଡ଼ିଶାଗୋଦା ଥାନା ଅଧୀନ ଜଳିଆପଡ଼ା ଗ୍ରାମର ପ୍ରଫୁଲ୍ଲ ସାମନ୍ତରାୟଙ୍କ ଦୁଇ ପୁଅ ଜଟାଧାରୀ ଓ ବିନୟଙ୍କ ମଧ୍ୟରେ ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଲାଗି ରହିଥିଲା। ବିନୟ କାମ ପାଇଁ କିଛିଦିନ ହେବ ବାହାରକୁ ଯାଇଥିବା ବେଳେ ବୁଧବାର ପୂର୍ବାହ୍ନରେ ଜୟନ୍ତୀଙ୍କ ସହିତ ଜଟାଧାରୀଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜଟାଧାରୀ କୁରାଢିରେ ଜୟନ୍ତୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କଣାସ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଜୟନ୍ତୀଙ୍କ ବଡ଼ ଭଉଣୀ ବବି ବରାଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୨/୨୧) ରୁଜୁ କରିଥିଲା।

## ଗୋପ ଥାନାରୁ ଗାଏବ ବାଇକ୍ ପୁରୀ ସଦର ଥାନାରୁ ଠାବ

ଗୋପ,୨୨।୪(ଡି.ଏନ୍.ଏ.):

ଗୋପ ଥାନା ପରିସରରୁ କେତେକ ଜବତ୍ ବାଇକ୍ ଗାଏବ ହେବା ନେଇ ମୁଖ୍ୟମନ୍ତ୍ରୀ ଓ ପୋଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଟୁଇଟ କରାଯାଇଥିଲା। ତଦନ୍ତ ପରେ ଏକ ଜବତ ବାଇକ୍ ପୁରୀ ସଦର ଥାନାରେ ଠାବ ହୋଇଛି । ପ୍ରକାଶ ଯେ, ଏକ ଡକାୟତି ଘଟଣାରେ ଗୋପ ଥାନା ପୋଲିସ ୪ଟି ବାଇକ୍ ସହ ୩ଜଣଙ୍କୁ ଗିରଫ କରିଥିଲା। ଏନେଇ ଏକ ମାମଲା (ନଂ.୨୩୮/୨୦)ରୁଜୁ ହୋଇଥିଲା। ଏହି ଜବତ୍ ବାଇକ୍ ମଧ୍ୟରୁ ଗୋପ ପୋଲିସ ଦୁଇଟି ବାଇକ (ଓଡି ୧୩ ଏଲ ୩୩୫୪), (ଓଡି ୧୩ଏମ ୫୦୬୩) ଦେଖାଇଥିଲା। ଆଉ ଏକ ମାମଲାରେ ଗୋଟିଏ ବାଇକକୁ ପୁରୀ ସମୁଦ୍ରକୂଳ ଥାନା ନେଇଥିବା ସମୟରେ ବାଇକ (ଓଡି ୦୫-ଏଇ-୩୭୬୭)କୁ ଗୋପ ପୋଲିସ ଜବତ ନ ଦେଖାଇ ଥାନାରେ ରଖିଥିଲା। ଏହି ଜବତ ଗାଡ଼ିର ମାଲିକ ଜେଲରୁ ଜାମିନରେ ଆସିବା ପରେ ଜବତ ବାଇକ ନେବାକୁ ଆସିଥିଲେ। କିନ୍ତୁ ଥାନାରୁ ତାଙ୍କ ଗାଡି ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ଟୁଇଟ କରିବା ପରେ ପୋଲିସ ତଦନ୍ତ କରିଥିଲା। ଗୋପ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ୨ଟି ବାଇକ୍ ପୂର୍ବରୁ ତଦନ୍ତ ପାଇଁ ଯାଇଥିଲା। ଥାନା ପରିସରରୁ କୌଣସି ବାଇକ ଗାୟବ ହୋଇ ନ ଥିବା ସେ କହିଛନ୍ତି।

## ୨୬ ସେବାୟତ ପଜିଟିଭ

ପୁରୀ ଅଫିସ, ୨୨।୪:

ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କ ମଧ୍ୟରେ ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଗୁରୁବାର ସୁଦ୍ଧା ଶ୍ରୀମନ୍ଦିର ସହ ଜଡ଼ିତ ମୋଟ ୬୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୨୬ଜଣ ସେବାୟତ ଓ ୧୩ ଜଣ ସେବାୟତ ପରିବାର ସଦସ୍ୟ ରହିଛନ୍ତି। ଏହାଛଡ଼ା ଶ୍ରୀମନ୍ଦିର କର୍ମଚାରୀ, ଜେଟିପି, ଜୋତାଷ୍ଟାଣ୍ଡ କର୍ମଚାରୀଙ୍କ ପଜିଟିଭ ସଖ୍ୟା ୩୦ରେ ପହଞ୍ଚିଛି । ସେହିପରି ମୋଟ ୩୨ ଜଣ ସେବାୟତ କୁମ୍ଭମେଳା ଫେରନ୍ତା ରହିଛନ୍ତି। ସମସ୍ତଙ୍କର କରୋନା ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କ ରିପୋର୍ଟ ଆସିଛି। ୧୯ ଜଣ ସେବାୟତଙ୍କର ରିପୋର୍ଟ ନେଗେଟିଭ ରହିଛି। ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅବଶିଷ୍ଟ ୧୧ ଜଣଙ୍କ ରିପୋର୍ଟ ଆସିବାର ଅଛି। ଅନ୍ୟପକ୍ଷରେ ପୁରୀ ଜିଲାରେ କୋଭିଡ ସଂକ୍ରମଣ ବୃଦ୍ଧି ପାଉଥିବାରୁ ପ୍ରଶାସନ ଏଥିପ୍ରତି ସତର୍କ ରହିଛି। ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କର ନେଗେଟିଭ ରିପୋର୍ଟ ଅଥବା କୋଭିଡ ଟିକାର ଦୁଇଟି ଡୋଜ ନେଇଥିବା ପ୍ରମାଣପତ୍ର ଯାଞ୍ଚ କରାଯାଉଛି। ସେହିପରି ଖୋର୍ଦ୍ଧା ଜିଲାର କେତେକ ହସ୍ପିଟାଲ ସହିତ ଯୋଗାଯୋଗ ରଖାଯାଇ ଗୁରୁତର ରୋଗୀଙ୍କୁ ରେଫର କରାଯାଉଛି। କୋଭିଡ ଗାଇଡ୍ ଲାଇନ ସମସ୍ତେ ମାନି ସୁରକ୍ଷିତ ରହିବା ପାଇଁ ଜିଲାପାଳ ସମର୍ଥ ବର୍ମା ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ

ପୁରୀ ଅଫିସ,୨୨।୪:

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ କୋଭିଡ୍ କେୟାର ସେଣ୍ଟରକୁ କାର୍ଯ୍ୟକାରୀ କରାଯାଇଛି। ଗୁରୁବାର ଏହି କେନ୍ଦ୍ର ଉଦ୍‌ଘାଟନ ଅବସରରେ ଜିଲାପାଳ ସମର୍ଥ ବର୍ମା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରିଛନ୍ତି। ଏଠାରେ ୮୦ଟି ଶଯ୍ୟା ଓ ୫୦ଟି ଅକ୍ସିଜେନ୍ ସିଲିଣ୍ଡର ରଖାଯାଇଛି। ଜରୁରିକାଳୀନ ସ୍ଥିତିରେ ସେବା ଯୋଗାଇବାକୁ ୪ଟି ଆମ୍ବୁଲାନ୍ସକୁ ୨୪ଘଣ୍ଟିଆ ଦାୟିତ୍ୱରେ ରଖାଯାଇଛି। କୋଭିଡ୍ କେୟାର ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ସହ ଜିଲାପାଳ ବର୍ମା ଆଲୋଚନା କରିଛନ୍ତି। ଜିଲାପାଳ କହିଛନ୍ତି, ଜିଲାରେ ସଂକ୍ରମଣ ବଢୁଥିବାରୁ ପ୍ରଶାସନ କୋଭିଡ୍ ବିରୋଧରେ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ରେଳଷ୍ଟେଶନ ଭଳି ସ୍ଥାନରେ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ ହେଉଥିବାବେଳେ ସଂକ୍ରମିତ ବ୍ୟକ୍ତିମାନେ ଆସୋଲେଶନ୍‌ରେ ରହୁଛନ୍ତି। ୯୦ ପ୍ରତିଶତ ସଂକ୍ରମିତ ବ୍ୟକ୍ତି ଆସୋଲେଶନରେ ରହୁଥିବାରୁ ସେମାନଙ୍କ ସ୍ଥିତି ସମ୍ପର୍କରେ ନଜର ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ସଂକ୍ରମିତମାନେ ଯେପରି କାହାରି ସଂସ୍ପର୍ଶରେ ନ ଆସିବେ ତାହାକୁ ପ୍ରାଥମିକତା ଦିଆଯାଉଛି। ସେହିଭଳି ପୁରୀ ଆଇଡିଏଚ୍‌ରେ ମଧ୍ୟ କୋଭିଡ୍ ସଂକ୍ରମିତଙ୍କ ପାଇଁ ବ୍ୟବସ୍ଥା ହୋଇଛି ବୋଲି ଜିଲାପାଳ ବର୍ମା କହିଛନ୍ତି। ଅନ୍ୟପକ୍ଷରେ ପୁରୀ ଜିଲାରେ କୋଭିଡ୍ ସଂକ୍ରମଣ ଥମିବାର ନାଁ ନେଉନାହିଁ। କ୍ରମାଗତ ଭାବେ ସହର ସମେତ ଜିଲାର ଗ୍ରାମାଞ୍ଚଳରେ ମଧ୍ୟ ସଂକ୍ରମଣ ବଢୁଛି। ତେବେ ଗ୍ରାମାଞ୍ଚଳରେ କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଇବାରେ ପୋଲିସ ପ୍ରଶାସନ ଅସମର୍ଥ ହେଉଛି। ଗ୍ରାମାଞ୍ଚଳଗୁଡ଼ିକରେ ଲୋକେ ଅମାନିଆ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବୁଧବାର ଅସ୍ତରଙ୍ଗରୁ ୯, ବ୍ରହ୍ମଗିରିରୁ ୮, ଡେଲାଙ୍ଗରୁ ୪, ଗୋପରୁ ୧୮, କାକଟପୁରରୁ ୧୨, କଣାସରୁ ୧୨, କୃଷ୍ଣପ୍ରସାଦରୁ ୫, ନିମାପଡ଼ାରୁ ୧୪, ପିପିଲିରୁ ୧୬, ପୁରୀ ସଦରରୁ ୨୩, ସତ୍ୟବାଦୀରୁ ୧୨, କୋଣାର୍କ ଏନ୍‌ଏସି ଅଞ୍ଚଳରୁ ୪ ଏବଂ ପୁରୀ ପୌରାଞ୍ଚଳରୁ ୧୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ୨୮୬ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ ହୋମ୍ ଆସୋଲେଶନରେ ରହିଛନ୍ତି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ ।

# ସ୍ୱର୍ଗଦ୍ୱାରରେ ଡ୍ରାଏ ରନ୍

ପୁରୀ ଅଫିସ,୨୨।୪:

ନୂଆ ସ୍ୱର୍ଗଦ୍ୱାର ଆସନ୍ତା ୧୦ଦିନ ଭିତରେ କାର୍ଯ୍ୟକାରୀ ହେବ। ଏ ନେଇ ଗୁରୁବାର ଜିଲାପାଳଙ୍କ ଉପସ୍ଥିତିରେ ଡ୍ରାଏ ରନ୍ ହୋଇଛି। ଶବଦାହ ପିଣ୍ଡି କିଭଳି ଭାବେ କାର୍ଯ୍ୟକ୍ଷମ ହେଉଛି ତାହା ଦାହକମାନଙ୍କ ଉପସ୍ଥିତିରେ ପରୀକ୍ଷାମୂଳକ ଭାବେ ଦେଖାଯାଇଛି। ଜିଲାପାଳ ବର୍ମା ସଂସ୍କାର ସେବକଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ କହିଛନ୍ତି, ୨୮ଟି ଶବଦାହ ପିଣ୍ଡି କାର୍ଯ୍ୟକ୍ଷମ ହେବାକୁ ଯାଉଛି। ପ୍ରସ୍ତୁତି ସରିଥିବା ବେଳେ ୮ଟି ପିଣ୍ଡିରେ ଡ୍ରାଏ ରନ୍ କରାଯାଇଛି। ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ହୋଇଛି ଯାହା ଦ୍ୱାରା ଶବଦାହ ସରଳୀକରଣ ହୋଇପାରିବ। ଅନ୍ୟପକ୍ଷରେ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ସହାୟତା ରାଶିକୁ ରାଜ୍ୟ ସରକାର



ବଢ଼ାଇଛନ୍ତି। ପୂର୍ବରୁ ୨ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏହାକୁ ବଢ଼ାଇ ୩ ହଜାର ଟଙ୍କା କରାଯାଇଛି। ମୃତଦେହ ସହ ଆସିଥିବା ବ୍ୟକ୍ତିଙ୍କ ପାଇଁ ଶୌଚାଳୟ ଓ ବିଶ୍ରାମଗୃହ ନିର୍ମାଣ କରାଯିବ। ଆଡମିନିଷ୍ଟ୍ରେଟିଭ୍ ବ୍ଲକ୍ ନିର୍ମାଣ ହେବ। କାର୍ଯ୍ୟ ଦାୟିତ୍ୱ ଓବିସିସି ପାଖରେ ରହିବ। ଡ୍ରାଏ ରନ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ସ୍ୱର୍ଗଦ୍ୱାର ସେବା ସମିତିର ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମୃଷାନଈ ସମ୍ପ୍ରସାରଣରେ ଯାଉଛି ଜଗନ୍ନାଥଙ୍କ ଜମି

- ଭୋଗ ଦଖଲରେ ରହି ନିଜ ନାମରେ କରାଇ ନେଉଥିବା ଅଭିଯୋଗ
- ରେକର୍ଡ ଯାଞ୍ଚ କରିବ ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ,୨୨।୪:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିକୁ ନିଜ ବ୍ୟକ୍ତିଗତ ସମ୍ପତ୍ତିରେ ପରିବର୍ତ୍ତିତ କରି ବିକ୍ରି କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏ ନେଇ ପୁରୀ ଜିଲାପାଳ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଅଭିଯୋଗ ହୋଇଛି। ମହାପ୍ରଭୁଙ୍କ ପାଇକ ସେବା କାର୍ଯ୍ୟ ସମ୍ପାଦନ କରୁଥିବା ବ୍ୟକ୍ତିମାନେ ଏହି ଜମିରେ ଚାଷବାସ କରିବା ସହ ଭୋଗ ଦଖଲରେ ରହି ଆସିଛନ୍ତି। ତେବେ ସଂପୃକ୍ତ ପରିବାର ଜଣେ ଅଂଶୀଦାର ସମ୍ପତ୍ତିକୁ ନିଜ ନାମକୁ କରାଇ ବିକ୍ରି କରୁଥିବା ଅନ୍ୟତମ ଅଂଶୀଦାର ଚନ୍ଦ୍ରଶେଖର ଗୁରୁ ଅଭିଯୋଗ କରିଛନ୍ତି।

ଗୁରୁଙ୍କ କହିବା ଅନୁଯାୟୀ, ମୃଷା ନଈ ସଂପ୍ରସାରଣ ନେଇ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ସମଙ୍ଗ ମୌଜାରେ ଥିବା ମହାପ୍ରଭୁଙ୍କର ଏହି ସମ୍ପତ୍ତି ଅଧିଗ୍ରହଣ ହେଉଛି। ଯାହାର ମୂଲ୍ୟ ୭କୋଟିରୁ ଊର୍ଦ୍ଧ୍ୱ ହେବ। ୧୯୨୭-୨୮ ବନ୍ଦୋବସ୍ତ ଅନୁସାରେ ଏହି ସମ୍ପତ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ହୋଇଥିବାରୁ ମୃଷାନଦୀ ସମ୍ପ୍ରସାରଣରେ ଯାଉଥିବା ଜମିର ମୂଲ୍ୟ ମହାପ୍ରଭୁଙ୍କୁ ମିଳିବା ଉଚିତ୍। ମାତ୍ର ୨୦୧୪-୧୫ରେ ଏହା ପରିବର୍ତ୍ତିତ ହୋଇ ପରିବାରର ଅଂଶୀଦାରମାନଙ୍କ ନାମକୁ କରାଯାଇଛି। ସେହିଭଳି ସଂପୃକ୍ତ ଜମିକୁ ନେଇ ପୁରୀ ସିଭିଲ୍ ଜଜ୍ ଜୁନିୟର ଡିଭିଜନ ଓ ଚକବନ୍ଦୀ କମିଶନରଙ୍କ କୋର୍ଟରେ ମକଦ୍ଦମା ଚାଲିଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇ ନାହିଁ। ଜମି ମହାପ୍ରଭୁଙ୍କର ହୋଇଥିବାବେଳେ ସେ କିଭଳି ଭାବେ ଏକ ପକ୍ଷ ହେବାରୁ ବଞ୍ଚିତ ହେଲେ ତାହା ଆଶ୍ଚର୍ଯ୍ୟଜନକ କଥା ବୋଲି ଗୁରୁ କହିଛନ୍ତି। ସମଙ୍ଗ ମୌଜା ଅନ୍ତର୍ଗତ ଖାତା ନମ୍ବର ୧୧୨୭, ପ୍ଲଟ୍ ନମ୍ବର ୩୯୦୬କୁ ଅଧିଗ୍ରହଣ ପାଇଁ ରହିଥିବା ବେଳେ ଏହାର ମାଲିକାନା ରେକର୍ଡ ଯାଞ୍ଚ କରି ଜଣାଯାଇପାରିବ। ସଂପୃକ୍ତ ଜମିର ରେକର୍ଡ ସଂଶୋଧନ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ମହାପ୍ରଭୁଙ୍କ ଜମିକୁ ବ୍ୟକ୍ତିଗତ ସମ୍ପତ୍ତିରେ ପରିବର୍ତ୍ତିତ କରି ଦିଆଯାଇଥିବା ନେଇ ଅଭିଯୋଗ ଆସିଛି। ଅଭିଯୋଗ ଏବେ ତଦନ୍ତ ପରିସରଭୁକ୍ତ। ତଦନ୍ତ ସରିବା ପରେ ହିଁ ଏ ନେଇ ସ୍ପଷ୍ଟ ଚିତ୍ର ମିଳିବ। ରେକର୍ଡ ଯାଞ୍ଚ କରାଯାଇ ଖୋଜାଯିବ ଯେ ବାସ୍ତବରେ ତାହା ମହାପ୍ରଭୁଙ୍କ ଜମି କି ନୁହେଁ ଏବଂ ଏହା କେବେ ବ୍ୟକ୍ତିଗତ ସମ୍ପତ୍ତିରେ ପରିବର୍ତ୍ତିତ ହୋଇଛି। ଅଭିଯୋଗରେ ସତ୍ୟତା ଥିଲେ ସଂପୃକ୍ତ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

ଡେଲାଙ୍ଗ(ଡି.ଏନ୍.ଏ.): ବାଘୁଆ ମହୁମାଛି ଆକ୍ରମଣରେ ଡେଲାଙ୍ଗ ବ୍ଲକର ଓଡ଼ତରବୋଇ ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଏହି ଗ୍ରାମର ଭଗବାନ ଜେନା(୭୦)। ସୂଚନା ଅନୁଯାୟୀ ଭଗବାନ ନିକଟସ୍ଥ ଗହାରକୁ ହଳ କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲା। ଚିତ୍କାର ଶୁଣି କେତେଜଣ ଯୁବକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଉକ୍ତ ଗ୍ରାମର ଶଙ୍କର୍ଷଣ ମାଝିଙ୍କୁ ମଧ୍ୟ ମହୁମାଛି ଆକ୍ରମଣ କରିଥିଲେ। ସେ ନିକଟସ୍ଥ ପୋଖରୀକୁ ଡେଇଁ ପଡି କିଛି ସମୟ ପାଣିରେ ବୁଡି ରହିଥିଲେ।

**ସଂକ୍ଷେପରେ**

## ସାପ କାମୁଡ଼ାରେ ଜଣେ ମୃତ

**ବୋଲଗଡ଼,୨୨।୪(ଡି.ଏନ୍.ଏ.):** ସାପ କାମୁଡ଼ାରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ବାଙ୍କୋଇ ଗ୍ରାମର କରଣସାହିର ପ୍ରକାଶ କୁମାର ପଟ୍ଟନାୟକ(୫୭)। ସୂଚନା ମୁତାବକ, ପ୍ରକାଶଙ୍କୁ ବୁଧବାର ଏକ ସାପ କାମୁଡି ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବୋଲଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୧) ରୁଜୁ ହୋଇଛି।

## ମା'ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପିତ



**ଜଟଣୀ,୨୨।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମସ୍ଥିତ ମା'ଜାଗୁଲାଈଙ୍କ ପୀଠରେ ଗତ ୧୨ତାରିଖରୁ ଆରମ୍ଭ ହୋଇଥିବା ବାସନ୍ତିକ ଦୁର୍ଗା ପୂଜା ଓ ନବରାତ୍ର ମହୋତ୍ସବ କରୋନା କଟକଣା ମଧ୍ୟରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନବରାତ୍ର ସମୟରେ ମା' ପ୍ରତ୍ୟେକ ଦିନ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଦଶମୀ ତିଥିରେ ପ୍ରାତଃରୁ ସୂର୍ଯ୍ୟ ପୂଜା, ଚଣ୍ଡୀପାଠ ଓ ସନ୍ଧ୍ୟାରେ ମହାସ୍ନାନ ପରେ ଷୋଡ଼ଶ ଉପଚାର ପୂଜା, ସପ୍ତଶତୀ ଚଣ୍ଡୀ ଆହୁତି ପରେ ଅଶ୍ୱ ଯଜ୍ଞ ୭ଥର ମନ୍ଦିର ବେଢ଼ା ପରିକ୍ରମା କରି ଦାତାମାନଙ୍କ ଦ୍ୱାରା ଘୃତ ଅର୍ପଣ କରାଯାଇଥିଲା। କର୍ତ୍ତା ଅଭିରାମ କର ସହଧର୍ମିଣୀଙ୍କ ସହ ୧୦ଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାସ, ଶଶିକାନ୍ତ ମହାପାତ୍ର, ଏଲ୍.ଡି.ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଚକ୍ରଧର ଦାସ, ସରୋଜ ପାଇକରାୟ, କୃତ୍ତିବାସ ପୃଷ୍ଟି, ଭାଗୀରଥି ପ୍ରଧାନ, ସନ୍ତୋଷ ମାହୁନ୍ତ, ରାମଚନ୍ଦ୍ର ସାହୁ, ବିବେକ ଦଳାଇ, ସାଇ ସ୍ୱନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାନିଟାଇଜ୍ ହେଲା ଜଟଣୀ କୋର୍ଟ ପରିସର

**ଜଟଣୀ,୨୨।୪(ଡି.ଏନ୍.ଏ.):** ଜଟଣୀ ଲୟର୍ସ ଆସୋସିଏଶନ ଅନୁରୋଧକ୍ରମେ ଗୁରୁବାର ପୌର ପରିଷଦ ପକ୍ଷରୁ ଜଟଣୀ ଜେଏମ୍ଏଫ୍‌ସି କୋର୍ଟକୁ ସାନିଟାଇଜ୍ କରାଯାଇଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ଜଟଣୀରେ ଦିନକୁ ଦିନ ବଢ଼ି ଚାଲିଛି। କୋର୍ଟକୁ ବିଭିନ୍ନ ଅଞ୍ଚଳରୁ ଦୈନିକ ଶତାଧିକ ଲୋକେ ଆସୁଛନ୍ତି। ଏଭଳି ସ୍ଥିତିରେ ଜନସାଧାରଣ ଏବଂ ଆଇନଜୀବୀଙ୍କୁ ସଂକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ଲୟର୍ସ ଆସୋସିଏଶନ ସଭାପତିଙ୍କ ନେତୃତ୍ୱରେ ଆଇନଜୀବୀ ଅକ୍ଷୟ ସାହୁ, ଶିବପ୍ରସାଦ ରଥ, ରବି ପଣ୍ଡା, ଅରୁଣ ସାହୁ ପ୍ରମୁଖ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ କୋର୍ଟ ପରିସର, ଆରଆଇ ଅଫିସ, ତହସିଲ, ବ୍ଲକ୍ ସମେତ ସହରର ଜନଗହଳି ସ୍ଥାନରେ ପର୍ଯ୍ୟାୟକ୍ରମେ ସାନିଟାଇଜ୍ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## କୃଷ୍ଣପ୍ରସାଦରେ କୋଭିଡ୍ କଟକଣା କଡ଼ାକଡ଼ି

**କୃଷ୍ଣପ୍ରସାଦ,୨୨।୪(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ୩ ଦିନ ମଧ୍ୟରେ ୧୬ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ଜଣେ ସଂକ୍ରମିତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ନେଇ ଚର୍ଚ୍ଚା ହେଉଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ବିଡିଓ ଅଭିମନ୍ୟୁ ମାଝି, ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଦିଲୀପ କୁମାର ସ୍ୱାଇଁ, ଏସ୍ଆଇ ନାରାୟଣ ପ୍ରଧାନ ପ୍ରମୁଖ ମିଳିତଭାବେ ଚାରିଛକ, କୃଷ୍ଣପ୍ରସାଦ, ବଡଅଁଳ, ମାଲୁଦ, ମୋରଡା ଛକରେ ବ୍ୟବସାୟୀଙ୍କୁ ସଚେତନ କରାଇଥିଲେ। ଦୋକାନ ସମ୍ମୁଖରେ ଦଉଡି ବାନ୍ଧିବା ସହ ମାସ୍କ ପିନ୍ଧିବା ଏବଂ ଗ୍ରାହକମାନେ ମାସ୍କ ନ ପିନ୍ଧିଲେ ସାମଗ୍ରୀ ନ ଦେବା ଏବଂ ସାମାଜିକ ଦୂରତ୍ୱ ରକ୍ଷା ପାଇଁ କହିଥିଲେ। ଏଥିସହ କେତେଜଣ ଅମାନିଆ ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି।

# ଅଟୋ, ବସ୍‌ରେ ମାସ୍କ ଚେକିଂ





ଜିଲା ପ୍ରଶାସନ ପକ୍ଷରୁ ଏକ ବସ୍ ଅଟକାଇ ଯାଞ୍ଚ କରାଯାଉଛି।

**ଖୋର୍ଦ୍ଧା ଅଫିସ, ୨୨।୪**

ରାଜ୍ୟରେ କରୋନା ଗାଇଡ୍‌ଲାଇନ୍ କଡ଼ାକଡ଼ି ଭାବେ ପାଳନ କରିବା ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଖୋର୍ଦ୍ଧା ସହରରେ ମାସ୍କ ଚେକିଂ କଡ଼ାକଡ଼ି କରାଯାଇଛି। ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କ ସମେତ ଏକ ଟିମ୍ ସମବାୟ ଛକରେ ଡାକବାଜି ଯନ୍ତ୍ରରେ କୋଭିଡ୍ ସଚେତନତା କରିଥିଲେ। ବଜାରରେ ସାମାଜିକ ଦୂରତା ବଜାୟ ରଖିବା ଲାଗି ପରାମର୍ଶ ଦେଇଥିଲେ। ବିନା ମାସ୍କରେ ବୁଲୁଥିବା ଲୋକଙ୍କୁ ତାଗିଦ କରିବା ସହ ଜରିମାନା ଆଦାୟ କରିଥିଲେ। ଯାତ୍ରୀବାହୀ ଅଟୋ, ଘରୋଇ ବସ୍, ଟାଉନ ବସ୍‌କୁ ଅଟକାଇ ମାସ୍କ ଯାଞ୍ଚ କରିବା ସହ ଯାତ୍ରୀଙ୍କୁ ମାସ୍କ ପରିଧାନ ଲାଗି ପରାମର୍ଶ ଦେଇଥିଲେ। ବିନା ମାସ୍କରେ ଯାତ୍ରା କଲେ ଜରିମାନା ଆଦାୟ କରାଯିବ। ଏନେଇ ତହସିଲଦାର ସାହୁ କହିଛନ୍ତି, କୋଭିଡ୍ ସଂକ୍ରମଣ ହାର ବଢ଼ିବାରେ ଲାଗିଛି। କରୋନାରୁ ବର୍ତ୍ତିବା ଲାଗି ମାସ୍କ ଏକ ଉପଯୁକ୍ତ ମାଧ୍ୟମ। ସଜାଗ ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୩୯୧୩ ସଂକ୍ରମିତ

ଗତ ୨୪ ଘଣ୍ଟା ମଧ୍ୟରେ ୬୩ ଆକ୍ରାନ୍ତଙ୍କୁ ମିଶାଇ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୩୯୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୫୫୩ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରେ (ବିଏମ୍‌ସିକୁ ବାଦ୍ ଦେଇ) ୩୦୩ ଜଣ ସକ୍ରିୟ ଥିବାବେଳେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକରୁ ୩, ବାଲିଅନ୍ତାରୁ ୩, ବାଲିପାଟଣାରୁ ୨, ଜଟଣୀରୁ ୧୧, ଖୋର୍ଦ୍ଧାରୁ ୧୫, ବେଗୁନିଆରୁ ୫, ବୋଲଗଡ଼ରୁ ୭, ଟାଙ୍ଗୀରୁ ୮, ଚିଲିକାରୁ ୨, ବାଣପୁରରୁ ୪ ଏବଂ ଅନ୍ୟ ଜିଲାରୁ ଆସି ଏଠାରେ ଆକ୍ରାନ୍ତଙ୍କ ମଧ୍ୟରେ ୩ଜଣ ରହିଛନ୍ତି। ସେହିପରି ୮୯୪ ଜଣଙ୍କୁ ଟିକା ଦିଆଯାଇଛି। ସେମାନଙ୍କ ମଧ୍ୟରେ ୩୩୪ଜଣ ଆର୍‌ଟିପିସି-ଆର୍ ଏବଂ ୫୬୦ଜଣ ଆଣ୍ଟିଜେନ ଟିକା ନେଇଥିବା ବ୍ୟକ୍ତି ରହିଛନ୍ତି। ଜିଲାର ୧୧ କେନ୍ଦ୍ରରେ ୧୭୯୬ ଜଣଙ୍କୁ ଟିକା ଦିଆଯାଇଛି।

## ଖୋର୍ଦ୍ଧା ଉପଖଣ୍ଡରେ ୧୬୦ ସକ୍ରିୟ

ଖୋର୍ଦ୍ଧା ଉପଖଣ୍ଡରେ ୧୯୩ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩୩ ଜଣ ସୁସ୍ଥ ହୋଇଛନ୍ତି। ୧୫୧ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ୧୬୦ଜଣ ସକ୍ରିୟ ରହିଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଖୋର୍ଦ୍ଧା ବ୍ଲକରେ ୨୮, ବେଗୁନିଆରେ ୨୧, ଟାଙ୍ଗୀରେ ୧୮, ବାଣପୁରରେ ୧୦, ଚିଲିକାରେ ୬, ବାଣପୁର ଏନ୍ଏସିରେ ୩, ବାଲୁଗାଁ ଏନ୍ଏସିରେ ୨ ଏବଂ ଖୋର୍ଦ୍ଧା ପୌରାଞ୍ଚଳରେ ୪୧ଜଣ ସକ୍ରିୟ ରହିଛନ୍ତି।

## 'ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କୋଭିଡ୍ ଟିକା ଦିଆଯାଉ'

**ଖୋର୍ଦ୍ଧା ଅଫିସ, ୨୨।୪**

ରାଜ୍ୟରେ ସମ୍ପ୍ରତି କରୋନାର ଦ୍ୱିତୀୟ ଲହର ଦ୍ରୁତ ଗତିରେ ମାଡ଼ିଚାଲିଛି। ଏହି ଲଢେଇରେ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଛନ୍ତି। କରୋନାର ପ୍ରଥମ ଲହରରେ ବିଭିନ୍ନ କାର୍ଯ୍ୟରେ ମଧ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦାନ କରିଥିଲେ। କରୋନା ନିୟନ୍ତ୍ରଣ ଲାଗି ସରକାର ଟିକାକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। କରୋନା ଯୋଦ୍ଧା ଭାବେ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ପ୍ରଶାସନିକ ଅଧିକାରୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଆଦିଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟିକା ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟ ଟିକାକରଣରେ ବରିଷ୍ଠ ନାଗରିକ, ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ତେବେ ଟିକାକରଣରୁ ଶିକ୍ଷକମାନଙ୍କୁ ବାଦ୍ ଦିଆଯାଇଛି।

ରାଜ୍ୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଟିକା ଦେବା ପାଇଁ ଦାବି କରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, କରୋନାର ପ୍ରଥମ ଲହର ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କ୍ୱାରାଣ୍ଟାଇନ କେନ୍ଦ୍ର, ରେଳଷ୍ଟେଶନରେ ପ୍ରବାସୀଙ୍କ ନାମ ପଞ୍ଜୀକରଣ, ସ୍କାନିଂ ସମେତ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହି ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣ ନିମନ୍ତେ ସଂଘର ଖୋର୍ଦ୍ଧା ବ୍ଲକ ସଭାପତି ଯୁଧିଷ୍ଠିର ସାହୁ ଓ ସମ୍ପାଦକ ଅମୀୟ କୁମାର ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

## ବିଜୟା ରଥ ଭାଙ୍ଗିଲେ ନାରାୟଣୀ

**ନିରାକାରପୁର,୨୨।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ବିଜୟା ରଥଯାତ୍ରାରେ ଶ୍ରୀକପିଳେଶ୍ୱର ଦେବଙ୍କ ସହିତ ବଡ଼ଭାଇ ଗ୍ରାମେଶ୍ୱର ଦେବ ଓ ଭାଉଜ ଗ୍ରାମେଶ୍ୱରୀ ସାମିଲ ହୋଇଥିଲେ। ତେବେ ଏହି ଯାତ୍ରାରେ ମା' ନାରାୟଣୀଙ୍କୁ ସାମିଲ କରାଯାଇ ନ ଥିବାରୁ ଗୁରୁବାର ଅଭିମାନରେ ମନ୍ଦିରରୁ ବିମାନରେ ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କ ସହ ଭେଟ ଓ ଆଳତି, ବନ୍ଦାପନା ମା'ଙ୍କୁ କରାଯାଇଥିଲା। ତାଙ୍କୁ ଏହି ଯାତ୍ରାରେ ସାମିଲ ନ କାରାଯାଇଥିବାରୁ ଶ୍ରୀଜୀଉମାନେ ଆସିଥିବା ରଥ ଚକରୁ ଖଣ୍ଡେ କାଠ ଭାଙ୍ଗି ପ୍ରତ୍ୟାବର୍ତ୍ତନ କରିଥିଲେ।

## କରୋନା ସଚେତନତା କାର୍ଯ୍ୟକ୍ରମ

**ଜଟଣୀ,୨୨।୪(ଡି.ଏନ୍.ଏ.)**

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ(ଜଟଣୀ), ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, କଟକ, ଯାଜପୁର-କେନ୍ଦୁଝର ରୋଡ ଏବଂ ଭଦ୍ରକ ରେଲୱେ ଷ୍ଟେଶନରେ ରେଳ ସୁରକ୍ଷାବଳ ଏବଂ ବାଣିଜ୍ୟିକ ବିଭାଗ କର୍ମଚାରୀଙ୍କ ଦ୍ୱାରା କରୋନା ସଚେତନତା ଏବଂ ହେଲ୍ପ ସେଣ୍ଟର ସ୍ଥାପନ କରାଯାଇଛି। ରେଳ ଯାତ୍ରା ସମୟରେ କିପରି ଯାତ୍ରୀମାନେ ସୁରକ୍ଷିତ ଯାତ୍ରା କରିବେ ଓ କରୋନା ସଂକ୍ରମଣରୁ ନିଜକୁ ଦୂରେଇ ରଖିବେ ସେ ନେଇ ସଚେତନତା ପ୍ରଦାନ କରାଯାଉଛି। ନିଶ୍ଚିତ ଟିକଟ ଥିବା ଯାତ୍ରୀଙ୍କୁ ଷ୍ଟେଶନକୁ ପ୍ରବେଶ ଅନୁମତି ଦେବା ସହିତ ନିୟମ ଖିଲାପକାରୀଙ୍କଠାରୁ ୫୦୦ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିବା ଆଦି ପଦକ୍ଷେପ ଗ୍ରହଣ କରାଯାଉଥିବା ରେଳମଣ୍ଡଳ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଜିଲାପାଳ, ପୋଲିସ କମିଶନରଙ୍କୁ କରୋନା ଯୋଦ୍ଧା ସମ୍ମାନ





ଜିଲାପାଳ ସନତ୍ ମହାନ୍ତି ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଉଛି।

**ଜଟଣୀ,୨୨।୪(ଡି.ଏନ୍.ଏ.)**

କରୋନା ମହାମାରୀ ସମୟରେ ନିଷ୍ପାପର ସେବା ପାଇଁ ଜିଲାପାଳ ସନତ୍ ମହାନ୍ତିଙ୍କୁ ଜନଅଧିକାର ସଂଘ, ଓଡ଼ିଶା ଶାଖା ପକ୍ଷରୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଜଟଣୀସ୍ଥିତ ଏନ୍‌ଡିଆରସି ୟୁପି ସ୍କୁଲରେ ଫନି ବାତ୍ୟାରୁ ବିଦ୍ୟୁତ୍ ଲାଇନ ସଂଯୋଗ ବିଚ୍ଛିନ୍ନ ହୋଇପଡିଛି। ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟୁତ୍‌ସଂଯୋଗ କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ଜଣାପଡ଼ିଛି। ସେହିପରି ଟ୍ୱିନ ସିଟି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କ କାର୍ଯ୍ୟାଳୟରେ ସଂଘ ଉପସଭାପତି ଜ୍ୟୋତିର୍ମୟୀ ପଣ୍ଡା ଏହି ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଅନାଥ ପଟ୍ଟନାୟକ, ବାସୁଦେବ ସେଠୀ, ପବିତ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଦୋକାନ ସିଲ୍, ଜରିମାନା ଆଦାୟ

**ନିମାପଡ଼ା,୨୨।୪(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳରେ କରୋନା ସଂକ୍ରମଣ ରୋକିବା ପାଇଁ ବ୍ଲକ ଓ ପୋଲିସ ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ଗୁରୁବାର ନିମାପଡ଼ା ଓ ଖେଲାର ଅଞ୍ଚଳର ୩୦ଟି ହୋଟେଲ, ଢାବା, ଫାଷ୍ଟଫୁଡ, ଜଳଖିଆ ଓ ସାମଗ୍ରୀ ଦୋକାନରେ ଚଢ଼ାଉ କରାଯାଇ ୨୦ଜଣ ଅମାନିଆ ବ୍ୟବସାୟୀଙ୍କଠାରୁ ୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। କୋଭିଡ୍ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଖେଲାର ବଜାର ସ୍ଥିତ ଦୁଇ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ହଠାତ୍ ଯାତ୍ରୀବାହୀ ବସ୍ ଉପରେ ଚଢ଼ାଉ କରାଯାଇଥିଲା। ମାସ୍କ ନ ପିନ୍ଧିବା, ସାମାଜିକ ଦୂରତ୍ୱ ଓ ସିଟ୍ ଠାରୁ ଅଧିକ ସଂଖ୍ୟକ ଯାତ୍ରୀ ନେଉଥିବାରୁ ଜରିମାନା ଆଦାୟ କରାଯିବା ସହ ସଚେତନ କରାଯାଇଥିଲା। ବିଡିଓ ମନୋଜ କୁମାର ବେହେରା, ଆଇଆଇସି ଜନାର୍ଦ୍ଦନ ପାଢୀ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

# ଅନ୍‌ଲାଇନ୍ କ୍ଲାସ୍‌ରେ ପିଲାଙ୍କ ଉପସ୍ଥିତି କମ୍

**ସାକ୍ଷୀଗୋପାଳ, ୨୨।୪:(ସ୍ୱ.ପ୍ର.)**

**ସତ୍ୟବାଦୀ ବ୍ଲକ**
- କରୋନା କାଳରେ ଅନ୍‌ଲାଇନ୍ ପାଠପଢ଼ା
- ୯୮୬୧ ପିଲାଙ୍କ ମଧ୍ୟରୁ ସାମିଲ ଥିଲେ ୨୬୦୭

ଗତବର୍ଷ ମାର୍ଚ୍ଚ ମାସରେ ମହାମାରୀ କରୋନା ସଂକ୍ରମଣ ଆଶଙ୍କାରେ ରାଜ୍ୟ ସରକାର ଲକ୍‌ଡାଉନ୍ ଓ ଶଟଡାଉନ୍ ଘୋଷଣା କରିଥିଲେ। ଏହି ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ତେବେ ଅନ୍‌ଲାଇନ୍ ଜରିଆରେ ଶିକ୍ଷାଦାନ କରାଯାଇଥିଲା। କରୋନା ପ୍ରକୋପ କମିବା ପରେ ଗତ କିଛିମାସ ହେଲା ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବା ଆରମ୍ଭ କରିଥିବାବେଳେ କରୋନାର ଦ୍ୱିତୀୟ ଲହର ପୁଣି ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ବାଧକ ସାଜିଛି। ପୂର୍ବ ଭଳି ଅନ୍‌ଲାଇନ ଶିକ୍ଷାଦାନ ଜାରି ରହିଥିଲେ ମଧ୍ୟ ବିଭିନ୍ନ କାରଣରୁ ଏ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ବିଶେଷ ଆଖିଦୃଶିଆ ହୋଇପାରୁନାହିଁ। ପୁରୀ ଜିଲା ସତ୍ୟବାଦୀ ବ୍ଲକରୁ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

ତଥ୍ୟ ମୁତାବକ, ସତ୍ୟବାଦୀ ବ୍ଲକରେ ୧୨୭ଟି ସରକାରୀ ବିଦ୍ୟାଳୟ ଓ ୧୪ଟି ବେସରକାରୀ ବିଦ୍ୟାଳୟ ରହିଛି। ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୮୬୧ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୪୯୬୩ ଛାତ୍ର ଓ ୪୮୯୮ ଛାତ୍ରୀ ହୋଇଥିବାବେଳେ ୪୨୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୧୬ଜଣ କ୍ରୀଡ଼ା ଶିକ୍ଷକ ରହିଛନ୍ତି। କରୋନା ସମୟରେ ବିଦ୍ୟାଳୟ ଖୋଲା ନ ଯାଇ ଅନ୍‌ଲାଇନ ମାଧ୍ୟମରେ ହ୍ୱାଟ୍‌ସ୍ ଆପ୍ ଗ୍ରୁପ କରାଯାଇ ପିଲାଙ୍କୁ ଶିକ୍ଷାଦାନ କରାଯାଇଛି। ଏଥିରେ ୨୬୦୭ଜଣ ପିଲା ସାମିଲ ହୋଇଛନ୍ତି, ଯାହାକି ବେସରକାରୀ ଶିକ୍ଷାନୁଷ୍ଠାନଠାରୁ ଢେର କମ୍। ବେସରକାରୀ ଅନୁଷ୍ଠାନଗୁଡ଼ିକରେ ପ୍ରାୟ ୯୦% ଛାତ୍ରୀଛାତ୍ରଙ୍କୁ ହ୍ୱାଟ୍‌ସ୍ ଆପ୍ ମାଧ୍ୟମରେ ଶିକ୍ଷା ଯୋଗାଇ ଦିଆଯାଇଥିଲା। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ କେତେକ ସମସ୍ୟା ଅନ୍‌ଲାଇନ ଶିକ୍ଷାଦାନରେ ବାଧକ ସାଜିଥିଲା। ମୋବାଇଲ ଫୋନ୍ ନ ଥିବା, ନେଟ୍‌ୱର୍କ ସମସ୍ୟା, ଛାତ୍ରୀଛାତ୍ର ଏବଂ ଅଭିଭାବକ ସଚେତନ ନ ଥିବା ପ୍ରଭୃତି ଶିକ୍ଷାଦାନ ବାଧକର କେତୋଟି କାରଣ ବୋଲି ଶିକ୍ଷାବିତ୍‌ମାନେ ମତ ଦିଅନ୍ତି। ବ୍ଲକ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ନାୟକ କହିଛନ୍ତି, ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି କରୋନା ସମୟରେ ଛାତ୍ରୀଛାତ୍ରଙ୍କ ଘରକୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯାଇ ପାଠ ପଢାଇଥିଲେ। ହେଲେ କେତେକ ଜାଗାରେ ପାଠ ପଢ଼ାଇବା ପାଇଁ ଶିକ୍ଷକମାନେ ଘରକୁ ଯାଇ ନ ଥିବା କେତେଜଣ ଅଭିଭାବକ ଅଭିଯୋଗ କରିଛନ୍ତି।

ଅନ୍ୟ ପକ୍ଷରେ ସତ୍ୟବାଦୀ ବ୍ଲକର ୧୨୭ ସ୍କୁଲ ମଧ୍ୟରୁ ୩ଟି ସ୍କୁଲର ନିଜସ୍ୱ ଘର ନାହିଁ। ସେଗୁଡିକ ହେଲା ପଞ୍ଚସଖା ପିପିଏସ୍, ଉନସଡିହ, ବରଘରିଆ ସାହି ଓ ଚିକି ବିଲ ସାହି ପିପିଏସ୍, ପ୍ରତ୍ୟେକ ସ୍କୁଲରେ ଅଗ୍ନିନିରୋଧକ ବ୍ୟବସ୍ଥା ଥିଲେ ମଧ୍ୟ କେତେକ ସ୍କୁଲରେ ଠିକ ଭାବେ କାର୍ଯ୍ୟ କରୁନାହିଁ। ୮୧ଟି ସ୍କୁଲରେ ଖେଳପଡ଼ିଆ ଏବଂ ୧୨୫ଟି ବିଦ୍ୟାଳୟରେ ଶୌଚାଳୟ ରହିଛି। ଭିତ୍ତିଭୂମି ଅଭାବ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକମାନେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ବ୍ଲକରେ ଜଣେ ବିଆର୍‌ସିସି ଏବଂ ୧୪ଜଣ ସିଆର୍‌ସିସି ଅଛନ୍ତି। ଅଧିକାଂଶ ସ୍କୁଲରେ ଶିକ୍ଷକ ଅଭାବ ଥିବାବେଳେ କେତେକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ରହିଛନ୍ତି। ସେହିପରି କୌଣସି ସ୍କୁଲରେ ଯୋଗ ଶିକ୍ଷକ ନ ଥିବା ଜଣାପଡ଼ିଛି। ଫିଟ୍ ଇଣ୍ଡିଆ ଓ ଖେଲ୍ ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ସରକାରୀ ଅନୁଦାନ ବାଟମାରଣା ନେଇ ଅଭିଯୋଗ ହେଉଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶାଜିତ



@ ଅନୁପମା



@ ଶମ୍ଭୁନାଥ



@ କସ୍ତୁରୀ ଚରଣ



@ ଶ୍ରୀମା



@ ସନ୍ତୋଷ



@ ଜୟନ୍ତ

## ମୃତଦେହ ସତ୍କାର ନେଇ ଉତ୍ତେଜନା

**ବ୍ରହ୍ମଗିରି,୨୨।୪(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହୁପଡା ଗ୍ରାମର ବାସୁଦେବ ବେହେରାଙ୍କ ବୁଧବାର ରାତିରେ ମତ୍ୟୁ ଘଟିଛି। ପରିବାର ଲୋକେ ସେମାନଙ୍କ କୁଟୁମ୍ବ ଓ ସମ୍ପର୍କୀୟ ଭାଇଙ୍କୁ ମୃତଦେହ ସତ୍କାର ନିମନ୍ତେ ଡାକିଥିଲେ। ବାସୁଦେବଙ୍କ ପୂର୍ବ ବିବାଦ ଥିବାରୁ କେତଜଣ ସମ୍ପର୍କୀୟ ଭାଇ ଆସି ନ ଥିଲେ। ଶେଷରେ ବାସୁଦେବଙ୍କ ପରିବାର ଅନ୍ୟ ଗ୍ରାମ ପୋଡାକେରା ଓ ଗଡକୋକଲର ଗ୍ରାମବାସୀଙ୍କୁ ନେଇ ମୃତଦେହ ସତ୍କାର ନିମନ୍ତେ ଶ୍ମଶାନକୁ ଯାଉଥିଲେ। ଏହି ସମୟରେ ଆସି ନ ଥିବା ସମ୍ପର୍କୀୟମାନେ ବିରୋଧ କରି ମୃତଦେହକୁ ଶ୍ମଶାନକୁ ଛାଡି ନ ଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହ ସତ୍କାର କରାଯାଇଥିଲା। ଏନେଇ ବାସୁଦେବଙ୍କ ପରିବାର ପକ୍ଷରୁ ନରେନ୍ଦ୍ର ବେହେରା ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।